

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୩ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 March 2026
Vol.No. 36 ■ No.59 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


# ଭୟଙ୍କର ହେଉଛି ଇରାନ-ଆମେରିକା ଯୁଦ୍ଧ: ଖସିଲା ବିମାନ, ବୁଡ଼ିଲା ଜାହାଜ, ହୁତୁହୁତୁ ହୋଇ ଜଳିଗଲା ତୈଳ ଭଣ୍ଡାର



ନୂଆଦିଲ୍ଲୀ,୦୨/୩ : ତୃତୀୟ ଦିନରେ ଇରାନ-ଆମେରିକା ଘମାଘୋଟ ଯୁଦ୍ଧ । ଉଭୟ ପକ୍ଷରୁ ଭୟଙ୍କର ଆକ୍ରମଣ ଜାରି ଥିବା ବେଳେ, ଇରାନରେ ମୃତ୍ୟୁ ସଂଖ୍ୟା ୫୫୫ ଛୁଇଁଲାଣି । ଇରାନର ନୌସେନା ଘାଟିରେ ୩ଟି ଜାହାଜ ଧ୍ୱଂସ ହୋଇ ବୁଡ଼ିଯାଇଥିବା ବେଳେ, ସାଉଦି ଆରବର ତୈଳ ଭଣ୍ଡାରକୁ ଟାର୍ଗେଟ୍ କରିଛି ଇରାନ । ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିବା ମଧ୍ୟ ଇରାନ ଦାବି କରିଛି । ଏସବୁ ଭିତରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବି ସୂଚନା ମିଳିଛି । ବିମାନ ଖସିଲା, ଜାହାଜ ବୁଡ଼ିଲା, ହୁତୁହୁତୁ ଜଳିଲା ତୈଳ ଭଣ୍ଡାର । ୧୨ ଦେଶରେ ଯୁଦ୍ଧ ବିଭୀଷିକା । ତେବେ ସବୁଠୁ ସାଂଘାତିକ ବିପତ୍ତି ଆଣିପାରେ-ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ! ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବେଳେ ଇରାନର ନତାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଅଭିଯୋଗ ହୋଇଛି । ୩୫ ଦେଶକୁ ନେଇ ଗଠିତ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ଓଇଏଇର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ବୈଠକରେ ଏହି ଅଭିଯୋଗ କରିଛନ୍ତି ଇରାନୀ ପ୍ରତିନିଧି । ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିଲେ ବ୍ୟାପକ ଅଞ୍ଚଳକୁ କ୍ଷତିକାରୀ ବିକିରଣ ପ୍ରଭାବିତ କରିପାରେ । ଇରାନର କୋର୍ନାକ୍ ନୌସେନା ଘାଟି ଉପରେ ବି ହୋଇଛି ଆକ୍ରମଣ । ଏଥିରେ ୩ଟି ଯୁଦ୍ଧ ଜାହାଜ ବୁଡ଼ିଥିବା ସୂଚନା ମିଳିଛି । ଏହି ୩ ଦିନର ଯୁଦ୍ଧରେ ଇରାନରେ ୫ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ, ବହୁ ଗୁଇନ୍ଦା ଅଧିକାରୀଙ୍କର ବି ଜୀବନ ଯାଇଛି । ରକ୍ତମୁଖା ଇରାନ ବି ନଛୋଡ଼ବନ୍ଦା । ତେହରାନର ଡ୍ରୋନ୍ ମାଡ଼ ପରେ ଜଳୁଛି ସାଉଦି ଆରବର ରାସ୍ ଟାନୁରା ତୈଳ ବିଶୋଧନାଗାର । ଏହାକୁ ସାମୟିକ ବନ୍ଦ ରଖିବାକୁ ବାଧ ହୋଇଛି ଆରାମ୍‌କୋ । ଏଥିସହ ଇରାନ ଏୟାରଷ୍ଟ୍ରାଇକରେ ଦୁବାଇ, ଆବୁଧାବି, ଦୋହାରେ ବି ଭୟଙ୍କର ବିସ୍ଫୋରଣ ଜାରି ରହିଛି । ସେପଟେ କୁଏତରେ ଥିବା ଆମେରିକୀୟ ଦୂତାବାସ ଉପରେ ବି ଇରାନ ଆକ୍ରମଣ କରିଥିବା ବେଳେ, ଆମେରିକାର ଏଫ୍-୧୫ ଯୁଦ୍ଧ ବିମାନ ଜଳୁଥିବା ଅବସ୍ଥାରେ ତଳକୁ ଖସୁଥିବା ଭିଡିଓ ଭାଇରାଲ୍ ହେଉଛି । ତେବେ ଇରାନ ଆକ୍ରମଣରେ ନୁହେଁ, କୁଏତ ଭୁଲବଶତଃ ୩ଟି ଏଫ୍-୧୫ ଷ୍ଟ୍ରାଇକ୍ ଇଗଲ୍ ବିମାନ ଖସାଇ ଦେଇଛି ବୋଲି ବିବୃତି ଜାରି କରିଛି ଆମେରିକା । ଏସବୁ ଭିତରେ ଇରାନ୍ ଦେଇଛି ବଡ଼ ବୟାନ । ଖାମେନେଇଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସିଧାସଳଖ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ଏବଂ ଇସ୍ରାଏଲ ବାୟୁସେନା କମାଣ୍ଡରଙ୍କ ଠିକଣା ଉପରେ ମିସାଇଲ୍ ମାଡ଼ କରିଥିବା ଦାବି କରିଛି ଇସ୍ଲାମିକ ରିଭଲ୍ୟୁସନାରି ଗାର୍ଡ କୋର୍ ।

# ସରିଲା ପରୀକ୍ଷା, ମେ'ରେ ରେଜଲ୍ଟ: ଓଏମଆର ଖାତା ମୂଲ୍ୟାୟନ ଆରମ୍ଭ

ଭୁବନେଶ୍ୱର, ୦୨/୩ (ନି.ପ୍ର): ଶେଷ ହୋଇଛି ଦଶମ ବୋର୍ଡ ପରୀକ୍ଷା । ଦୀର୍ଘ ବର୍ଷ ପରେ ତ୍ରୁଟିଶୂନ୍ୟ ଭାବେ ସରିଛି ପରୀକ୍ଷା । ଅନ୍ୟପଟେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବଶୀଘ୍ର ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛି ବୋର୍ଡ । ଫେବ୍ରୁଆରୀ ୧୯ରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଶେଷ ହୋଇଛି । ସାଢ଼େ ପାଞ୍ଚ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭାଗ୍ୟ ପରୀକ୍ଷା ଖାତାରେ ବନ୍ଦ୍ ହୋଇଛି । ଏବେ ରେଜଲ୍ଟକୁ ଅପେକ୍ଷା । ଅନ୍ୟପଟେ ଶୀଘ୍ର ମାଟ୍ରିକ୍ ରେଜଲ୍ଟ ପ୍ରକାଶ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ । ଡଗଜ ଖାତା ମୂଲ୍ୟାୟନ ଆରମ୍ଭ ହୋଇ ସାରିଛି



। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ୫୧ଟି ମୂଲ୍ୟାୟନ କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ତ୍ରୁଟିଶୂନ୍ୟ ଭାବେ ଚଳିତ ବର୍ଷ ପରୀକ୍ଷା ଶେଷ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ । ଏଥିସହ ମେ' ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ରେଜଲ୍ଟ ବାହାରିବ ବୋଲି ସୂଚନା ଦେଇଛନ୍ତି ଏବଂ ତ୍ରୁଟି ଏଡ଼ାଇବାକୁ ବିଶେଷ ଧାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନାକୁ ଚଳିତବର୍ଷ ଗୁରୁତ୍ୱ ଦିଆଯାଇଥିଲା । ପରୀକ୍ଷା କେନ୍ଦ୍ର, ନୋଡ଼ାଲ ସେଣ୍ଟରକୁ ସିସିଟିଭି ନଜରରେ ରଖିବା ସହ ତିସ୍ତରୀୟ ସ୍କାର୍ଡ ବ୍ୟବସ୍ଥା କରାଯାଇଥିଲା । ପ୍ରଶ୍ନପତ୍ର ଲିକ୍ ରୋକିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଥିଲା ।

# ରାଜଧାନୀରୁ ପୁଣି ସିମ ବକ୍ସ ରାକେଟ ଠାବ

ଭୁବନେଶ୍ୱର , ୦୨/୩ (ନି.ପ୍ର): ଭୁବନେଶ୍ୱରରୁ ପୁଣି ମିଳିଛି ସିମ୍ ବକ୍ସ। ରାଜଧାନୀର ଇନଫୋସିଟି ଅଂଚଳରେ ଥିବା ଏକ ହଷ୍ଟେଲରେ କମିଶନରେଟ ପୋଲିସ ଚଢ଼ଉ କରି ପ୍ରାୟ ୧୨ ଟି ସିମ୍ ବକ୍ସ ଜବତ କରିଛି। ଏହି ଘଟଣାରେ କେରଳର ଦୁଇ ଜଣ ଯୁବକଙ୍କୁ ପୋଲିସ୍ ଅଟକ ରଖି ପଚରାଉଚରା କରୁଛି। ଦୀର୍ଘ ଦିନ ହେବ ଏହି ରାକେଟ ସକ୍ରିୟ ଥିବା ଅନୁମାନ କରୁଛି ପୋଲିସ ।ଏହାର ମାଷ୍ଟର ମାଇଣ୍ଡ ଚାଇନା ରେ ଥିବା ପୋଲିସ ସନ୍ଦେହ କରୁଛି। ଏହି ସିମ୍ ବକ୍ସ ମାଧ୍ୟମରେ ଭିଓଏସ୍ ୩୦୦ ସପ୍ଟୱେୟାରରେ ଠକେଇ ଚାଲିଥିଲା। ଚାଇନାରୁ ହାର୍ଡ ୱେୟାର ଆସିଥିଲା, ବାଂଲାଦେଶ ରୁ ସଫ୍ଟୱେୟାର ଏବଂ ଆସାମରୁ ସିମ ଅଣାଯାଇ ଭୁବନେଶ୍ୱରରୁ ଅପରେଟ ହେଉଥିଲା ବୋଲି ଅନୁମାନ କରାଯାଉଛି।

# ରାଜ୍ୟସଭା ନିର୍ବାଚନ: କଂଗ୍ରେସରେ କେଁ, ୩ ପ୍ରାର୍ଥୀ ଦେବ ବିଜେପି, ରୋଚକ ହେବ ଲଢ଼େଇ

ଭୁବନେଶ୍ୱର, ୦୨/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ଘଡିକେ ଘୋଡ଼ା ଛୁଟୁଛି । ବିଜେପି ୩ ପ୍ରାର୍ଥୀ ଦେବା ନେଇ ଘୋଷଣା କରିବା ପରେ ଲଢେଇ ନିଶ୍ଚିତ ହୋଇଛି । ହେଲେ ଚତୁର୍ଥ ଆସନ କିଏ ଓ କେମିତି ହାତେଇବ ତାହାର ଫର୍ମୁଲା ଖୋଜା ଭିତରେ କଂଗ୍ରେସ ଦଳରେ ଫାଟ ପଦାରେ ପଡ଼ିଛି । ବିଧାୟକଙ୍କ ବୈଠକରେ ୨ ବିଧାୟକ ଅନୁପସ୍ଥିତ ରହିବା କ୍ରସ ଭୋଟିଂ ସମ୍ଭାବନାକୁ ବଢାଇଛି । ରାଜ୍ୟସଭା ନିର୍ବାଚନ ହଟଚମଟ ଭିତରେ କଂଗ୍ରେସ ବିଧାୟକ ଦଳ ବୈଠକ ବିରୋଧୀ ଦଳର



ହିସାବକିତାବକୁ ଓଲଟପାଲଟ କରିଛି । ୧୪ ବିଧାୟକଙ୍କ ଭିତରୁ କଂଗ୍ରେସ ବୈଠକରେ ୨ ବିଧାୟକ ସୋଫିଆ ଫିର୍ଦ୍ଦୋସ ଓ ରମେଶ ଜେନା ସାମିଲ ହୋଇନାହାନ୍ତି । ସେହିଭଳି ତାରା ବାହିନୀପତି ଓ ଦାଶରଥୀ ଗମାଙ୍ଗଙ୍କୁ ମନାଇବାକୁ ରାମଚନ୍ଦ୍ର କାଡାମଙ୍କ ବାସଭବନରୁ ହୋଟେଲକୁ ସ୍ଥାନାନ୍ତର ହୋଇଛି ଦଳୀୟ ବୈଠକ । କଂଗ୍ରେସ ବିଧାୟକଙ୍କ ଛକାପଞ୍ଝା ଭିତରେ କମନ କ୍ୟାଣ୍ଡିଡେଟ ଦଣ୍ଡେଶ୍ୱର ହୋତା କଂଗ୍ରେସ ବୈଠକରେ ସାମିଲ ହୋଇଛନ୍ତି ।

# ମାର୍ଚ୍ଚ ୨୫ରୁ ରତ୍ନଭଣ୍ଡାର ଗଣତିମଣତି

ପୁରୀ, ୦୨/୩ (ନି.ପ୍ର): ସରିଲା ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ । ଦୂର ହେଲା ଲୋକଙ୍କ ଦ୍ୱନ୍ଦ ଓ ଆଶଙ୍କା । ଆସନ୍ତା ମାର୍ଚ୍ଚ ମାସ ୨୫ ତାରିଖ ବୁଧବାର ଦିନ ହେବ ଅଳଙ୍କାର ଗଣତିମଣତି ପକ୍ରିୟା । ଏହି ପକ୍ରିୟାରେ ୨ଟି ଟିମ ଉପସ୍ଥିତ ରହିବେ । ଦିନ ୧୨.୨୦ରୁ ୧.୪୫ ମଧ୍ୟରେ ବାହାରିଛି ମାହେନ୍ଦ୍ରବେଳା । ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ଖୋଲାଯାଇ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ । ପରିଚାଳନା କମିଟିରେ ନିଆଯାଇଛି ନିଷ୍ପତ୍ତି । ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବ । ପ୍ରଥମେ



ଚଳନ୍ତି ,ପରେ ବାହାର ଓ ଶେଷରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ । ଗଣତି ମଣତି ସମୟରେ ବାହାର କାଠ ଦର୍ଶନ ହେବ । ଶନିବାର ରବିବାର ସମେତ ଯାନୀ ଯାତ୍ରା ଓ ନିତି ବହୁଳ ସମୟରେ ଗଣତି ମଣତି କରାଯିବ ନାହିଁ । ଗଣତି ମଣତି ସମୟରେ ଡ଼ିଜିଟାଇଜେସନ ଓ ସ୍ୱଚ୍ଛତା ଅବଲମ୍ବନ କରାଯିବ । ଏ ନେଇ କୋର୍ଟକୁ ଅବଗତ କରାଯିବ ।

# ରାଜ୍ୟରେ ପର୍ଯ୍ୟାପ୍ତ ମହଜୁତ ଅଛି ଏଚପିଭି ଟୀକା: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୦୨/୩ (ନି.ପ୍ର): ରାଜ୍ୟରେ ପର୍ଯ୍ୟାପ୍ତ ଏଚପିଭି ଟୀକା ମହଜୁତ ଅଛି । ରାଜ୍ୟର କିଛି ଚିକିତ୍ସାଳୟରେ ଟୀକାକରଣ ଆରମ୍ଭ ହୋଇସାରିଛି । ସ୍କୁଲ ଓ ଗଣଶିକ୍ଷା ବିଭାଗର ତଥ୍ୟ ଆଧାରରେ କିଶୋରୀ ଛାତ୍ରୀଙ୍କୁ ଚିହ୍ନଟ କରାଯାଇଛି । ୩ ମାସ ଭିତରେ ସମସ୍ତ ୩ ଲକ୍ଷ ୩୬ ହଜାର କିଶୋରୀ ଛାତ୍ରୀଙ୍କୁ ଟୀକା ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।




ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।



(ହରି ବାବୁ କମ୍ଭମପାଟି)

OIPR: 15001/5/2526



ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/5/2526

## ଭାଇଚାରାର ପର୍ବ - ଦୋଳ ପୂର୍ଣ୍ଣିମା ବା ଫଗୁ ପୂର୍ଣ୍ଣିମା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଓଡ଼ିଆ ମାସ ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣିମା ତିଥି, ଦୋଳ ପୂର୍ଣ୍ଣିମା ନାମରେ ପରିଚିତ । ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଯାହା ଦୋଳ ଦଶମୀ ବା ଫଗୁ ଦଶମୀ ନାମରେ ଖ୍ୟାତ । ଏହି ପର୍ବର ମୁଖ୍ୟ ଆରାଧ୍ୟ ହେଉଛନ୍ତି ରାଧା ଓ କୃଷ୍ଣ ଯାହା ରାଇ ଦାମୋଦର ନାମରେ ମଧ୍ୟ ଜଣା । ରାଧା କୃଷ୍ଣଙ୍କୁ ମୁଖ୍ୟତଃ ଏହି ପର୍ବରେ ଅବିର ଅର୍ପଣ କରାଯାଏ । ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଛୋଟଛୋଟ ବିମାନରେ ଘର ଘର ବୁଲାଇବାକୁ ନିଆଯାଏ । ଠାକୁରଙ୍କୁ ପ୍ରତି ଘରେ ଭୋଗ ଲାଗି ହୁଏ ଆଉ ଏହି ଭୋଗ କୁ ଦ୍ୱାରୀ ଭୋଗ ମଧ୍ୟ କୁହଯାଏ । ଫଗୁ ଦଶମୀ ତିଥିରୁ ଫଗୁ ଖେଳ ଓ ଗ୍ରାମ ପରିକ୍ରମା କରାଯାଏ। ଦୋଳ ପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ସେହି ମଣ୍ଡପର ନାମ ଦୋଳ ମଣ୍ଡପ ସେଠାରେ ପୂଜାର୍ଚ୍ଚନା କରାଯିବା ସଙ୍ଗେସଙ୍ଗେ ଠାକୁରମାନେ ଦୋଳି ଖେଳନ୍ତି ଓ ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ । ରାଜଦୋଳ ଉତ୍ସବ ଅର୍ଥାତ୍ ଫଗୁ ଦଶମୀ ଠାରୁ ସମସ୍ତ ବୈଷ୍ଣବ ପିଠରେ ଝୁଲଣ ମଣ୍ଡପରେ ଦୋଳିରେ ଝୁଲି ସୁସଜ୍ଜିତ ବିମାନରେ ବିଜେ କରନ୍ତି ଶ୍ରୀରାଧାକୃଷ୍ଣ ଯୁଗଳ ମୁରତି । ଦୋଳ ପୂର୍ଣ୍ଣିମା ପର ଦିନ ସବୁଆଡ଼େ ହୋଲି ଧୁମ୍ ଧାମ୍ ରେ ପାଳନ କରାଯାଏ । ଭିନ୍ନ ଭିନ୍ନ ରଙ୍ଗକୁ ହାତରେ କିମ୍ବା ପିଚକାରୀ ଦ୍ୱାରା ପରସ୍ପରକୁ ଫିଙ୍ଗି ଖେଳା ଯାଏ । ଏହି ଖେଳ ପରସ୍ପର ମଧ୍ୟରେ ଏକତା ଭାଇଚାରା ସ୍ନେହ ପ୍ରେମ ର ମନ୍ତ୍ର ଦେଇଥାଏ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଥରେ ହିରଣ୍ୟକାଶ୍ୟପ ନାମକ ଜଣେ ରାକ୍ଷସ ଧରାପୃଷ୍ଠ ରେ ନିଜର ସାମ୍ରାଜ୍ୟ ବିସ୍ତାର କରି ରାଜୁତି କରୁଥିଲା । ସେ ଏତେ ଉଚ୍ଚାଭିଳାସୀ ଥିଲା ଯେ ସାମ୍ରାଜ୍ୟର ସମସ୍ତଙ୍କୁ ତାକୁ ହିଁ ପୂଜା କରିବାକୁ ଆଦେଶ ଦେଇଥିଲା । କିନ୍ତୁ ତାର ଅତୀବ ଅବଶୋଷ ହେଲା ଯେତେବେଳେ ତାର ବାଳକ ପୁତ୍ର ପ୍ରହଲ୍ଲାଦ ଭଗବାନ ନାରାୟଣ ଙ୍କ ଭକ୍ତ ପାଲଟିଗଲା ଓ ସେ ହିରଣ୍ୟକାଶ୍ୟପ କୁ ଦେବତା ଭାବେ ମାନିବାକୁ ମନା କରିଦେଲା । କ୍ରୋଧର ଆବେଗରେ ହିରଣ୍ୟକାଶ୍ୟପ ପ୍ରହଲ୍ଲାଦ କୁ ହତ୍ୟା କରିବାକୁ ଅନେକ ଚେଷ୍ଟା କଲା କିନ୍ତୁ ଭଗବାନ ବିଷ୍ଣୁ ତାକୁ ସବୁଥିରୁ ରକ୍ଷା କଲେ । ଶେଷକୁ ସେ ତାର ଭଗ୍ନୀ ହୋଲିକା କୁ ପ୍ରହଲ୍ଲାଦ କୁ କୋଳ ରେ ଧରି ପ୍ରଖର ଅଗ୍ନି ଭିତରକୁ ଯିବାପାଇ କହିଲା ଯେପରି ପ୍ରହଲ୍ଲାଦ ଦଗ୍ଧ ହେଇଯିବ । ରାକ୍ଷସୀ ହୋଲିକା , ଅନ୍ୟ ଅନେକ ଅସୁରଙ୍କ ପରି ଭୋଳାନାଥ ମହାଦେବଙ୍କୁ ତପସ୍ୟା କରି ତାଙ୍କ ଠାରୁ ଅଗ୍ନି ଦ୍ୱାରା ଦଗ୍ଧ କିମ୍ବା ଜଳ ଦ୍ୱାରା ବୁଡି ନ ମରିବାର ବର ଲାଭ କରିଥିଲା ଓ ଏହା ହିରଣ୍ୟକାଶ୍ୟପ କୁ ଜ୍ଞାତ ଥିଲା । ହୋଲିକା ପ୍ରହଲ୍ଲାଦକୁ ସାଥିରେ ନେଇ ଅଗ୍ନି କୁ ପ୍ରବେଶ କଲା ବେଳେ ପ୍ରହଲ୍ଲାଦ ଅହରହ ବିଷ୍ଣୁ ନାମ ଜପ କରୁଥିଲା । ହିରଣ୍ୟକାଶ୍ୟପ ଏହା ଦେଖି ଆଚମ୍ଭିତ ରହିଗଲା ଯେତେବେଳେ ପ୍ରହଲ୍ଲାଦ ଅକ୍ଷତ ଅବସ୍ଥା ରେ ଅଗ୍ନି ରୁ ନିର୍ଗତ ହେଲେ ଓ ହୋଲିକା ସମ୍ପୂର୍ଣ୍ଣ ଦଗ୍ଧ ହେଇଗଲା । ସେ କ୍ରୋଧିତ ହେଇ ମହାଦେବଙ୍କୁ ଏହାର କାରଣ ପଚାରିବାରୁ ମହାଦେବ କହିଲେ ଯେ ସେ ଆତ୍ମରକ୍ଷ୍ୟା ପାଇଁ ହୋଲିକାକୁ ସେଇ ବର ଦେଇଥିଲେ, କାହାକୁ ସାଥିରେ ନେଇ ମାରିବାପାଇ ନୁହେଁ । ତେଣୁ ଭୁଲ କାରଣ ରୁ ବ୍ୟବହାର କରିଥିବାରୁ ତାଙ୍କ ପ୍ରଦତ୍ତ ବର ପ୍ରତ୍ୟାହାର ହେଇଗଲା ।



ଏହିଭାବରେ ପରବର୍ତୀ କାଳ ରେ ଭୁଲ ଉପରେ ଭଲର ବିଜୟ ପାଳନ ପାଇଁ ଯେଉଁ ପର୍ବ ପାଳିତ ହେଲା ତାକୁ ହୋଲିକା ର ନାମ ଅନୁସାରେ " ହୋଲି " ମଧ୍ୟ କୁହାଗଲା । ଆଉ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ ଶ୍ରୀକୃଷ୍ଣ ଯେତେବେଳେ କିଶୋର ଥିଲେ, ମାଁ ଯଶୋଦାଙ୍କୁ ପଚାରିଲେ ଯେ, ରାଧା କାହିଁକି ଗୋରୀ ଓ ନିଜେ କୃଷ୍ଣବର୍ଣ୍ଣ । ମାଁ ଯଶୋଦା କୃଷ୍ଣଙ୍କ ମନ ରଖିବା ପାଇଁ କହିଲେ, 'ତୁ ଯା ବିଭିନ୍ନ ରଙ୍ଗ ଅବିର ଧରି ରାଧାକୁ ଖେଳ ଖେଳରେ ରଙ୍ଗେଇ ଦେବୁ । ତୋ ଆଉ ତା ମଧ୍ୟରେ କିଛି ବି ପାର୍ଥକ୍ୟ ରହିବ ନାହିଁ ।' କିଶୋର ଶ୍ରୀକୃଷ୍ଣ ନିଜେ ଗୋପାଳକ ସାଙ୍ଗମାନଙ୍କୁ ଧରି ଶ୍ରୀରାଧାଙ୍କ ଗାଁ ବରସାନା ଗଲେ ଓ ରଙ୍ଗ ଅବିର ଲଗାଇଥିଲେ । ଶ୍ରୀରାଧା ମଧ୍ୟ ଅନ୍ୟ ଗୋପୀ ମାନଙ୍କ ସହ ଶ୍ରୀକୃଷ୍ଣ ଓ ସାଥୀମାନଙ୍କୁ କୌତୁକରେ ଲାଠିରେ ପିଟିଥିଲେ । ଏହି ପରମ୍ପରା କୁ ଆଜିଯାଏ ବରସାନା ର ଲୋକେ 'ଲଠମାର ହୋଲି' ହିସାବରେ ପାଳନ କରନ୍ତି । ଅନ୍ୟ ଏକ ପୌରାଣିକ କିମ୍ବଦନ୍ତୀ ତ୍ରେତୟା ଯୁଗରେ ସୀତା ମାତାଙ୍କୁ ହରଣ କରି ରାବଣ ଅଶୋକ ବନରେ ରଖିଥିଲା । ମହାବୀର ହନୁମାନ ସୀତାଙ୍କୁ ଠାବ କରି ସାକ୍ଷାତ୍ ବେଳେ ପଚାରିଲେ ମାତା, ଆପଣ ମୁଣ୍ଡରେ ସିନ୍ଦୂର କାହିଁକି ପିନ୍ଧିଛନ୍ତି । ମାତା ହସି କହିଲେ ମୁଁ ମୋ ସ୍ୱାମୀ ଶ୍ରୀରାମଙ୍କ ମଙ୍ଗଳ ପାଇଁ ମୁଣ୍ଡରେ ସିନ୍ଦୂର ପିନ୍ଧେ । ତତ୍କ୍ଷଣାତ୍ ହନୁମାନ ଲାଲ ରଙ୍ଗ ଆଣି ନିଜ ଦେହ ସାରା ବୋଳି ହୋଇଗଲେ । ହନୁମାନ ଯେତେ ବେଳେ ସୀତା ଠାବ କରି ଆସିଲେ, ସେତେ ବେଳେ ସେ ସମ୍ପୂର୍ଣ୍ଣ ଲାଲ ଦେଖା ଯାଉଥିଲେ ଓ ଏହାର କାରଣ ଯେତେ ବେଳେ ସମସ୍ତ ବାନର ଜାଣିଲେ ତ ସମସ୍ତେ ପରସ୍ପରକୁ ଶ୍ରୀରାମ ଉଦ୍ଦେଶ୍ୟରେ ରଙ୍ଗ ବୋଳା ବୋଳି ହେଲେ । ସେବେଠୁ ହୋଲି ରଙ୍ଗ ଖେଳ ଅନୁଷ୍ଠିତ ର ପ୍ରବାଦ ଅଛି। ଆମ ବୈଜ୍ଞାନିକ ଦୃଷ୍ଟି କୋଣରୁ ଆଲୋଚନା କଲେ, ଶୀତ ପ୍ରଭାବରେ ମଣିଷ ଶରୀରର ଲୋମ ଓ ଚର୍ମ ରେ ବାହ୍ୟ ଧୂଳି କଣା ରହିଥିବା ଫଳରେ ଦେହରେ ଚର୍ମ ରୋଗ ହେବାର ଆଶଙ୍କା ଥାଏ, ହୋଲି ରେ ରଙ୍ଗ ମାଖି ହୋଇ ଗାଧୋଇଲେ ଚର୍ମ ରୋଗ ଭଲ ହୋଇଥାଏ । ଏହା ଛଡା ବସନ୍ତ ଋତୁରେ ଫୁଲ ପରାଗ ରେଣୁ ଛାଡିଥାଏ ଯାହା ଉଡି ମଣିଷ ଦେହରେ ସ୍ପର୍ଶ ପାଇ ଚର୍ମ ରୋଗ ହୋଇଥାଏ । ଏହି ହୋଲି ପର୍ବରେ ଅଭିର ଓ ରଙ୍ଗ ସ୍ପର୍ଶରେ ଶରୀରରେ ଲାଗିଥିବା ପରାଗ ରେଣୁ ର ଲେପ ନଷ୍ଟ ହୋଇ ଶରୀର ସୁସ୍ଥ ରହେ ।

ହୋଲି ପର୍ବ ଭାରତିୟ ସଂସ୍କୃତିର ଏକ ବିଶେଷ ମହତ୍ତ୍ୱ ରହିଅଛି ପୁରାଣ ପୃଷ୍ଠାକୁ ଓଲଟାଇଲେ ଆହୁରି ଅନେକ ତଥ୍ୟ ଆସିଥାଏ । କେହି ମତ ଦେଇଥାନ୍ତି କୃଷ୍ଣ କାଳୀୟ ଦଳନରେ ଗୋପୀ ଗୋପାଳ ମାନେ ଆନନ୍ଦରେ ଗୋପରୁ ଦୁଃଖ ଦୁର ହେଲା ବୋଲି ପାଳନ କରିଥିଲେ। ସେହିପରି ଶ୍ରୀରାମ ବନବାସ ସମାପ୍ତ କରି ଫେରିଲା ପରେ ଅଯୋଧ୍ୟା ବାସି ଖୁସିରେ ହୋଲି ପାଳନ କରିଥିଲେ। ସେହିପରି ହିରଣ୍ୟପୁ ରାବଣ ଆଦି ଦୁଷ୍ଟ ମାନଙ୍କ ବିନାସରେ ହୋଲି ପର୍ବ ପାଳନ ହୋଇଥିଲା । ମାତ୍ର ସନ୍ଥ ମାନେ କହନ୍ତି ଯେଉଁ ଦିବ୍ୟ ଆଲୋକ ମାଳା ସପ୍ତରଙ୍ଗ ଭିତରେ ପରି ପ୍ରକାଶ ହୋଇଥାଏ ଯାହା ଜୀବକୁ ଦିବ୍ୟତା ଆଡକୁ ନିଏ ସେ ସମୟରେ ଜୀବ ପରମର ମିଳନରେ ଏକ ବିଶେଷ ଆନନ୍ଦରେ ସୃଷ୍ଟିକୁ ଧନ୍ୟବାଦ ଦେଲାବେଳେ ସପ୍ତରଙ୍ଗ ହୋଲି ପରି ପ୍ରକାଶ ହୋଇଥାଏ । 'ହୋଲି' ଜାତି ଧର୍ମ ସମ୍ପ୍ରଦାୟର ସାଂସ୍କୃତିକ ଭାଇଚାରାର ଉତ୍ସବ, ଏହା ହଜାର ହଜାର ବର୍ଷ ଧରି ପାଳନ କରାଯାଉଅଛି । ଏହି ଖେଳ ପରସ୍ପର ମଧ୍ୟରେ ଏକତା ଭାଇଚାରା ସ୍ନେହ ପ୍ରେମ ର ମନ୍ତ୍ର ଦେଇଥାଏ । ଏହା ବିଶେଷ କରି ହିନ୍ଦୁ ମାନଙ୍କ ପର୍ବ ହୋଇଥିବା ବେଳେ ଅଣ ହିନ୍ଦୁ ମାନେ ବି ସାଂସ୍କୃତିକ ହିସାବରେ ପାଳନ କରନ୍ତି ।


+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬


## ପିଲାଙ୍କ ପାଇଁ ହୋଲି

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ**

ଫଗୁଣର ମହକକୁ ସଜେଇ ସାଜି ଫଗୁ ଫଗୁଣର ହୋଲି । ତେବେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଅଭିର ଆନନ୍ଦ ଠାରୁ ରଙ୍ଗ ପିଚକାରୀ ଖେଳର ହୋଲି ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସତର୍କତା ରହିଛି। ପ୍ରାୟତଃ ଗ୍ରୀଷ୍ମ ଛୁଟି ସମୟ ହୋଇଥିବାରୁ ପିଲାମାନେ ଏହି ଫଗୁଣର ଆନନ୍ଦରେ ହଜାଇବାକୁ ଚାହାଁନ୍ତି । ତେବେ ପିଲାମାନଙ୍କ ପାଇଁ ସତର୍କତାର ଅଭାବ ରହିଲେ ଏହା ସେମାନଙ୍କ ପାଇଁ ହୁଏତ କଷ୍ଟର କାରଣ ବି ହୋଇପାରେ । ପ୍ରାୟତଃ ଦେଖାଯାଇଥାଏ ପିଲାମାନେ ହୋଲିରେ ବେଶ୍ ଖୁସି ମଜାସ୍ ଭିତରେ ସମୟକୁ କଟାଇବାକୁ ଚାହିଁଥାନ୍ତି । ଏହା ଭିତରେ ସେମାନେ ରଙ୍ଗର ତାତ୍ପର୍ଯ୍ୟତା ଓ ବୈଜ୍ଞାନିକ କାରଣ ଏହା ସହ ତତ୍‌ଜନିତ କୁପ୍ରଭାବ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସମ୍ଭବତଃ ପାଇନଥାନ୍ତି । ପିଲମାନେ ସ୍ୱାଭାବିକ ଭାବେ ଖେଳକୁଦ କରି ସମୟକୁ ବେଶ୍ ହସଖୁସି ସହ କଟାଇବାକୁ ଚାହୁଁଥିଲେ ବି ସାମାନ୍ୟ ସତର୍କତାର ଅଭାବ ରହିଲେ ଏହା ପିଲାମାନଙ୍କ ପାଇଁ କଷ୍ଟ ଓ ଯନ୍ତ୍ରଣାର ଅବସର ସୃଷ୍ଟି କରିଥାଏ । ବର୍ତ୍ତମାନ ବଜାରରେ ଯେଉଁ ପ୍ରକାର ରଙ୍ଗ ବିକ୍ରୀ ହେଉଛି ତାହା କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ କି ନୁହେଁ ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ । କାରଣ ରଙ୍ଗ ବେପାରୀମାନେ ବୁଝି ନଥାନ୍ତି ଯେ ଏହା ପିଲାଙ୍କ ପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଠିକ୍ ବା ଭୁଲ ? ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ପିଲାମାନେ ସର୍ବପ୍ରଥମେ ଚର୍ମ ସମସ୍ୟା ଠାରୁ ଆଖି ସମସ୍ୟା ଏପରିକି ଭେଷଜ ସମସ୍ୟା ଠାରୁ ଶିଶୁରୋଗ ବିଭାଗର ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହୋଇଥାନ୍ତି । ପ୍ରଥମତଃ ପିଲାମାନେ ଆନନ୍ଦ ସହକାରେ ହୋଲିରେ ନିଜକୁ ହସଖୁସିର ସହିତ ପରିବାର କେହିବି ହୁଅନ୍ତୁ ବା ସାଙ୍ଗସାଥୀ ଖୁସିରେ କଟାଇବାକୁ ଚାହାଁନ୍ତି କିନ୍ତୁ ବର୍ତ୍ତମାନ କେତେକ କ୍ଷେତ୍ରରେ ରଙ୍ଗ ବ୍ୟବସାୟୀମାନେ କୁପ୍ରଭାବ ରହୁଥିବା ରଙ୍ଗ ସମ୍ମିଶ୍ରଣକୁ ମିଶାଉଥିବାରୁ ଏହା ପରବର୍ତ୍ତୀ ସମୟରେ ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥିଲେବି ସେମାନେ କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଚିନ୍ତା କରିନଥାନ୍ତି । କିନ୍ତୁ ବଡ଼ ଖୁସିର କଥା ସରକାର ହୋଲି ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଖବରକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା କରି ରାଜ୍ୟର ବଡ଼ ମେଡ଼ିକାଲ ହେଉ ବା ଶିଶୁଭବନ, ଜିଲ୍ଲା ହସ୍‌ପିଟାଲ ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସବୁଠାରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ଚିକିତ୍ସା ବା ପରାମର୍ଶକୁ ଗୁରୁତ୍ୱ ଦେଇଥାନ୍ତି । ପିଲାମାନେ ସ୍ୱାଭାବିକ ଭାବରେ ଖେଳ ଓ ଆନନ୍ଦ ପ୍ରିୟ ହୋଇଥିବାରୁ ସେମାନେ ପରବର୍ତ୍ତୀ ତତ୍‌ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଚିନ୍ତା କରିନଥାନ୍ତି ଯାହାକି ସବୁଠାରୁ ବଡ଼ ସମସ୍ୟାର କାରଣ ହୋଇଥାଏ । ଅଭିରର ରଙ୍ଗ ଗୁଣ୍ଡ କେତେକ କ୍ଷେତ୍ରରେ ଖରାପ ହୋଇପାରିନଥାଏ ସତ କିନ୍ତୁ ବର୍ତ୍ତମାନ ବଜାରରେ ବିକ୍ରୀ ହେଉଥିବା ରାସାୟନିକ ରଙ୍ଗଯୁକ୍ତ ଅଭିର ହେଉ ବା ହୋଲି ପିଚ୍‌କାରୀର



ରଙ୍ଗ ଏହା ନିଶ୍ଚିତ ଭାବେ ପିଲାମାନଙ୍କ ବିଶେଷ କରି ଚର୍ମ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିଥାଏ । ଦ୍ୱିତୀୟତଃ ପିଲାମାନେ ବେଳେ ବେଳେ ରଙ୍ଗ ବୋଳିକା କ୍ଷେତ୍ରରେ ଚକ୍ଷୁକୁ ଗୁରୁତ୍ୱ ଦେଉନଥିବାରୁ ଏହା ସବୁଠାରୁ ମୂଲ୍ୟବାନ ଚକ୍ଷୁକୁ ହିଁ ପ୍ରଭାବିତ କରିବାର ସମ୍ଭାବନାକୁ ସୃଷ୍ଟି କରିପାରେ ଯାହାକି ପରବର୍ତ୍ତୀ ସମୟରେ କୋମଳମତି ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥାଏ ।    ସବୁଠାରୁ ବଡ଼ ଖୁସିର କଥା ବିଶେଷକରି ହୋଲି ସମୟରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବରେ ତତ୍ପରତା ପ୍ରକାଶ ପାଇଥାଏ । ଏହାର ଯଥେଷ୍ଟ ପୂର୍ବରୁ ଗଣମାଧ୍ୟମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କତା ସମ୍ବନ୍ଧରେ ବିଭିନ୍ନ ସଚେତେନଧର୍ମୀ, ବିଜ୍ଞାପନ ଓ ଲେଖା ପ୍ରକାଶ ପାଇଥାଏ । ପିଲାମାନଙ୍କ ପାଇଁ ହୋଲି ଓ ରଙ୍ଗର ମହାପାର୍ବଣ ବେଶ୍ ହସଖୁସିରେ ବିତୁ ଏହା ସମସ୍ତେ ଚାହିଁଥାନ୍ତି କିନ୍ତୁ ସାମାନ୍ୟ ଅସତର୍କତା ରହିଲେ ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ କଷ୍ଟର ସମସ୍ୟାକୁ ନେଇ ଏକ ବିରାଟ ବଡ଼ ପାହାଡ଼ ସୃଷ୍ଟି କରିଥାଏ । ଏହି ସମୟରେ ପ୍ରାୟତଃ ବିଦ୍ୟାଳୟ ଓ ଶିକ୍ଷାୟତନ ଛୁଟି ନେଉଥିବାରୁ ପିଲାମାନେ ଛୁଟି ଅବସର ପାଇ ରଙ୍ଗ ଓ ଫଗୁଣର ମହୋତ୍ସବକୁ ବେଶ୍ ହସଖୁସିର ସହିତ ପାଳନ କରୁଥିଲେ ବି ସେମାନଙ୍କର ସାମାନ୍ୟ ସତର୍କତାର ଅଭାବ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଷ୍ଟକର ମୁହୂର୍ତ୍ତ ସୁଯୋଗକୁ ନେଇ ସୃଷ୍ଟି କରିଥାଏ । ସମ୍ପ୍ରତି ସରକାର ସବୁଠାରୁ କ୍ଷୁଦ୍ରତମ କୁହାଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ସବୁଠାରୁ ଶିଶୁରୋଗ ବିଭାଗ ପାଇଁ ସର୍ବାଧିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱକୁ ପ୍ରାଥମିକତା ଦିଆଯାଉଥିବା କଟକର ଶିଶୁଭବନ, ହୋଇପାରେ ସବୁଠାରୁ ବଡ଼ ହସ୍‌ପିଟାଲ । ରାଜ୍ୟ ସରକାର ଏହି ନିଷ୍ପାପ କୋମଳମତି ଶିଶୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଚିନ୍ତା କରି ସେମାନଙ୍କ ଚିକିତ୍ସା ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେଇ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିଥାନ୍ତି । ଏହାକୁ ଚିନ୍ତା କରି ପ୍ରାୟତଃ ଶିଶୁରୋଗୀମାନେ ସରକାର ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆପଣାଇଲେ ନିଶ୍ଚିନ୍ତ ଭାବେ ପିଲାମାନେ ବେଶ୍ ହସଖୁସିର ସହିତ ହୋଲିକୁ ପାଳିପାରିବେ ଏଥିରେ ଦ୍ୱିରୋକ୍ତି ନାହିଁ ।


+ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,


## ଆଧ୍ୟାତ୍ମିକ ରଙ୍ଗର ପର୍ବ ହୋଲି



**ନଗେନ୍ଦ୍ର ନାଥ ପଟ୍ଟନାୟକ**



ହୋଲି କେବଳ ହରେକ ରଙ୍ଗ ଅବିର ପିଚକାରି ଖେଳ ନୁହେଁ; ବରଂ ଆମ ଜୀବନର ସୁଗୁଣଗୁଡ଼ିକୁ ରଞ୍ଜିତ କରିବା ସମ୍ପର୍କିତ ଗୋଟିଏ ପାବନ ପର୍ବ । ପୁନଶ୍ଚ, ପବିତ୍ର ହୋଲି କେବଳ ହୋଲିକା ଦହନର ପର୍ବ ନୁହେଁ, ପାପ ଉପରେ ପୁଣ୍ୟ ଓ ଅସତ୍ୟ ଉପରେ ସତ୍ୟର ବିଜୟକୁ ପ୍ରତୀକ ମଧ୍ୟ । ଆଧ୍ୟାତ୍ମିକ ଦିଗକୁ ଦୃଷ୍ଟିରେ ରଖି ଏଇ ପର୍ବକୁ ଆମେ ଶୁଦ୍ଧ ପୂତ ଭାବେ ବେଶ୍ ନିଷ୍ଠାର ସହିତ ପାଳନ କରିଥାଉ ।

ଆମ ଦେଶରେ ପର୍ବ ପର୍ବାଣୀ ଓ ଉତ୍ସବ ମହୋତ୍ସବ କିଛି ବି ବିନା କାରଣରେ ପାଳିତ ହୋଇ ନ ଥାଏ । ଶିବରାତ୍ରୀ ଉପରାନ୍ତେ ଆସେ ହୋଲିପର୍ବ । ଏହି ଦୃଷ୍ଟିରୁ ଏହି ପର୍ବ ଏକ ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ସମ୍ପର୍କ ପ୍ରକଟିତ କରିଥାଏ । ମହାଶିବ ରାତ୍ରି ,ପରମାତ୍ମା ଶିବ ଶଙ୍କରଙ୍କ ଧରାବତରଣର ମହୋତ୍ସବ - ଏହା ସେଇ କାଳଖଣ୍ଡ ଯେତେବେଳେ ଅଜ୍ଞାନତା ର ତମିସ୍ର ଅନ୍ଧ କାର ଭିତରେ ଭ୍ରମୁଥିବା ଆତ୍ମା ମାନଙ୍କୁ ଦିବ୍ୟବୋଧ ପ୍ରାପ୍ତକରେ ,କାମ, କ୍ରୋଧ, ଲୋଭ ଅହଙ୍କାର ଭଳି ବିକାରଗୁଡ଼ିକ ବନ୍ଧନରୁ ମୁକ୍ତ ହେବାର ଦ୍ୱାର ଉନ୍ମୁକ୍ତ ହୋଇଯାଏ । ଏହା ଆଗରୁ ଜଗତ ଅଜ୍ଞାନରୂପୀ ଅମା ଅନ୍ଧକାର ଭିତରେ ନିମଜ୍ଜିତ ହୁଏ ; କ୍ରୋଧ,ଲୋଭ ଅହଙ୍କାର ଆଦି ବିକାର ଏହାକୁ ନିୟନ୍ତ୍ରିତ କରିଥାଏ । ପର ମାତ୍ମା ଶିବଙ୍କ ଆଗମନ ଫଳରେ ଆତ୍ମାର ଅନ୍ତଃକରଣରେ ରୂପା ନ୍ତରୀକ ରଣ ଆରମ୍ଭ ହୁଏ । ଆଉ,ଆତ୍ମାମାନେ ପରମାତ୍ମାଙ୍କୁ ସୁମାରଣା କରି ଦିବ୍ୟ ଶାଶ୍ୱତ ରଙ୍ଗରେ ରଞ୍ଜିତ ହୁଅନ୍ତି ।

ତତ୍ ପରେ ଆସେ ପାବନ ହୋଲିର ମହା ପର୍ବ । ଏହା କେବଳ ରଙ୍ଗ ଅବିର ର ଖେଳ ନୁହେଁ ; ବରଂ ଆମ ଅନ୍ତଃକରଣର ନକାରାତ୍ମକ ପ୍ରବୃତ୍ତି ଗୁଡ଼ିକୁ ଅଗ୍ନିଦଗ୍ଧ କରିବା ଓ ପରମ ତୃପ୍ତିକୁ ଜାଗରିତ କରିବାର ପ୍ରତୀକ । ଏହି ପର୍ବ ଆମକୁ ଆତ୍ମଚିନ୍ତନ କରିବା ପାଇଁ ଆମନ୍ତ୍ରିତ କରିଥାଏ।

ହୋଲିକା ଦହନ: ଆତ୍ମାର ସୁଦ୍ଧିକରଣ - ହୋଲି ଦୁଇ ଦିନ ଯାଏ ପାଳନ କରାଯାଏ - ହୋଲିକା ଦହନ ଓ ଧୁଳଣ୍ଡି ।

ଛୋଟ ହୋଲି ରାତ୍ରୀରେ ହୋଲି କା ଦହନ କରାଯାଏ , ଯାହାକି ଅସତ୍ୟ ଉପରେ ସତ୍ୟର ଜିତାପଟ । ରାଜା ହିରଣ୍ୟକଶିପୁ ଓ ତାଙ୍କ ପୁତ୍ର ପ୍ରହ୍ଲାଦଙ୍କ କଥା ସହିତ ଏହି ପରମ୍ପରା ଯୋଡି ହୋଇ ରହିଛି । ରାଜା ହିରଣ୍ୟକଶିପୁ ଅହଙ୍କାରରେ ଅନ୍ଧ ହୋଇଗଲେ । ଭଗବାନ ବିଷ୍ଣୁଙ୍କ ଆପଣା ପୁତ୍ର ପ୍ରହଲ୍ଲାଦଙ୍କ ଅତୁଟ ତଥା ଅଟଳ ଭକ୍ତିକୁ ବିଘ୍ନିତ କରି ନାଶ କରିବାକୁ ଚାହୁଥିଲେ । ସେ ନିଜର ଭଗ୍ନୀ ହୋଲିକା କହିଥିଲେ ପ୍ରହଲ୍ଲାଦକୁ କୋଳକୁ ଟେକିନେଇ ହୁତୁହୁତୁ ଲେଲିହାନ ଅଗ୍ନି ଶିଖାରେ ବସିବାକୁ ; କାରଣ ତା' ପାଶେ ଏଭଳି ଖଣ୍ଡେ ବସ୍ତ୍ର ଥିଲା ଯାହାକି ତାକୁ ଅଗ୍ନିରେ ଜଳିପୋଡ଼ି ଭସ୍ମୀଭୂତ ହେବାରୁ ରକ୍ଷା କରୁଥିଲା । ବସ୍ତ୍ର ପରିଧାନ ଖଣ୍ଡିକ ତାକୁ ବଞ୍ଚାଇ ଦେବ ଭାବି ହୋଲିକା ପ୍ରହହ୍ଲାଦକୁ କୋଳରେ ତୋଳି ଧରି ଅଗ୍ନିରେ ବସିପଡିଲା । କିନ୍ତୁ ଈଶ୍ୱରଙ୍କ ଅଲୌକିକ ଲୀଳା ବଡ ବିଚିତ୍ର । ହୋଲିକାର ସେଇ ବସ୍ତ୍ର ଖଣ୍ଡିକ ଫୁର୍ ରକିନା ଉଡ଼ିଯାଇ ପ୍ରହଲ୍ଲାଦଙ୍କୁ ଢ଼ାଙ୍କିଦେଲା, ଯଦ୍ୱାରା ସେ ସୁରକ୍ଷିତ ଓ ଅକ୍ଷତ ହୋଇଗଲେ।

ଅହଙ୍କାର ଓ ଅନ୍ୟାୟ ଯେତେ ବଳବାନ ହେଉ ପଛକେ ସଚ୍ଚା ତଥା ନିରୁତା ଆସ୍ଥା ଓ ପିଭୁଙ୍କ ପ୍ରତି ପରମ ପ୍ରୀତି ସାମନାରେ ତାହା ନିଶ୍ଚିହ୍ନ ହୋଇଯାଏ ବୋଲି ଏଇ ପର୍ବ ଆମକୁ ଶିକ୍ଷା ଦେଇଥାଏ।

ହୋଲିକା ଆମ କ୍ରୋଧ, ଅହଙ୍କାର,ଲୋଭ ଓ ମୋହର ପ୍ରତୀକ ହେବା ସ୍ଥଳେ ପ୍ରହ୍ଲାଦ ସତ୍ୟ, ପବିତ୍ରତା ଓ ଈଶ୍ୱରଙ୍କ ଉପରେ ଅତୁଟ ଆସ୍ଥାର ଦ୍ୟୋତକ । ତା ଛଡା , ଅଗ୍ନି ପରମାତ୍ମାଙ୍କ ଜ୍ଞାନଶକ୍ତି, ଯାହା ବିକାରଗୁଡ଼ିକ କବଳରୁ ଆତ୍ମାକୁ ଉଦ୍ଧାର କରିଥାଏ । ହୋଲିକା ଦହନ ବେଳେ ବେଳେ କେତେକ ସ୍ଥାନ ରେ ଲୋକେ ମିଠାରୋଟିକୁ ସୂତାରେ ବାନ୍ଧି ଅଗ୍ନିରେ ଜଳାନ୍ତି । ଏହା ଆମଭୌତିକ ଶରୀରର ନଶ୍ୱରତା ଓ ଆତ୍ମା ର ଅମରତ୍ୱକୁ ପ୍ରତୀକାତ୍ମକ ରୂପେ ଦର୍ଶାଇ ଥାଏ।

ହୋଲିର ପ୍ରକୃତ ରଙ୍ଗ : ସୁଗୁଣଗୁଡ଼ିକର ରଙ୍ଗ

ହୋଲି - ଅନ୍ୟ ଦିନରେ ଆମେ ରଙ୍ଗ ବୋଳାବୋଳି ହୋଇ ହର୍ଷ ଉଲ୍ଲାସରେ ବୁଡ଼ିଯାଉ । କିନ୍ତୁ ଏସବୁ ବାହ୍ୟ ରଙ୍ଗ

ଗୁଡ଼ିକର ଗୋଟିଏ ଆଧ୍ୟାତ୍ମିକ ଅର୍ଥ ଥାଏ । ପରମାତ୍ମା ଆମ ଆତ୍ମାକୁ ସୁଗୁଣ ରଙ୍ଗରେ ରଞ୍ଜିତ କରଥାନ୍ତି ।

ଶାନ୍ତିରଙ୍ଗ: ଯେପରି ସୁନୀଳ ଆକାଶ ସମସ୍ତଙ୍କୁ ଶିଥିଳତା ପ୍ରଦାନ କରିଥାଏ ସେପରି ପରମାତ୍ମା ଜ୍ଞାନ ଆମ ଅନ୍ତରରେ ପ୍ରଗାଢ଼ ଶାନ୍ତି ଭରିଦିଅନ୍ତି ।

ପ୍ରେମ-ପ୍ରୀତି ରଙ୍ଗ: ନିରୁତା ଭଲ ପାଇବା ନିଃସର୍ତ୍ତ ଓ ଆଶା ଆକାଂକ୍ଷାଠୁ ଉର୍ଦ୍ଧ୍ୱରେ । ଆମେ ଯେତେବେଳେ ପରମାତ୍ମା ଙ୍କ ସାଙ୍ଗେ ଯୋଡ଼ି ହୋଇଯାଉ ଆମର ପ୍ରେମ ନିଃ ସ୍ୱାର୍ଥ ଓ ଶାଶ୍ୱତ ବନିଯାଏ।

ସୁଖ ଆନନ୍ଦ ରଙ୍ଗ : ଈଶ୍ୱରଙ୍କୁ ସୁମରଣା ପ୍ରତିଟି ଦୁଃଖ ବିଷାଦ ଗ୍ଲାନିକୁ ବିଲୋପନ କରି ଜୀବନକୁ ଆନନ୍ଦରେ ଭରି ଦେଇଥାଏ । ଆମ ମନ ଯେତେବେଳେ ପରମାତ୍ମା ଙ୍କ ସାଙ୍ଗେ ଯୋଡ଼ି ହୋଇଯାଏ ତାହାହିଁ ପ୍ରକୃତ ଉତ୍ସବ ବୋଲି ହୃଦୟଙ୍ଗମ କରିବାକୁ ହେବ ।

ଶକ୍ତିର ରଙ୍ଗ : ଅସଲି ଶକ୍ତି ଅନ୍ତର୍ନିହିତ ପବିତ୍ରତା ରୁ ନିଷ୍ପନ୍ନ । ଆମେ ଯେତେବେଳେ ନିଜର ଦୁର୍ବଳତା ଗୁଡ଼ିକୁ ପୋଡ଼ି ଜାଳି ଦଗ୍ଧିଭୂତ କରିଦେଉ ଆମେ ଅନ୍ୟମାନଙ୍କୁ ମଧ୍ୟ ସଶକ୍ତ କରିପାରୁ । ହୋଲି କେବଳ ବାହ୍ୟରଙ୍ଗ ଲଗେଇବାର ପର୍ବ ନୁହେଁ ଆଧ୍ୟାତ୍ମିକ ରଙ୍ଗରେ ରଞ୍ଜିତ ହେବାର ଶୁଭ ଅବସର । ନିରୁତା ରଙ୍ଗ ତାକୁଇ ବୁଝାଯାଏ ଯାହା ଆତ୍ମାକୁ ଶାନ୍ତି ,ପ୍ରେମ , ଆନନ୍ଦ ଓ ପବିତ୍ରତାରେ ଭରିଦିଏ - ପରମାତ୍ମା ଆମକୁ ଏହିଁ ଶିକ୍ଷା ଦେଇଛନ୍ତି ।


+ଓସ୍କାର ସିଟି, ଲେନ ନଂ ୯ ,
ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ ,
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮


## ଦୋଳ ଉତ୍ସବ

**ଡକ୍ଟର ତପନ କୁମାର ପାଲ**

ଫଗୁଣ ମାସର ପୂର୍ଣ୍ଣିମା ଦୋଳ ପୂର୍ଣ୍ଣିମା ଭାବେ ଓଡ଼ିଶାରେ ଲୋକପ୍ରିୟ। ଏହି ପର୍ବରେ ଦୋଳଗୋବିନ୍ଦ ନାମରେ ପୂଜା ପାଆନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ପୁରାଣରେ ଏହା ବସନ୍ତୋତ୍ସବ ନାମରେ ପ୍ରସିଦ୍ଧ। ପ୍ରଭୁ ମଦନଙ୍କ ସମ୍ମାନରେ ଉତ୍ସବ ପାଳନ କରାଯାଉଥିବାରୁ କେତେକ ଶାସ୍ତ୍ରରେ ଏହାକୁ ମଦନୋତ୍ସବ ବୋଲି କୁହାଯାଇଛି। ପରେ ଏହା ଦୋଳୋତ୍ସବ ନାମରେ ଲୋକପ୍ରିୟ ହୋଇଛି। ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପାଇଁ ଏ ପର୍ବ। ଅନେକ ପୁରାଣରେ ଦୋଳୋତ୍ସବ ବିଷୟରେ ବର୍ଣ୍ଣନା କରାଯାଇଛି।    ପଦ୍ମ ପୁରାଣ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ଦେଖିଥିବା ବ୍ୟକ୍ତିର ସମସ୍ତ ପାପ ନାଶ ହୁଏ। କୁହାଯାଏ ପୁରାଣ ଯୁଗରେ ହିରଣ୍ୟକଶ୍ୟପ ନାମକ ରାକ୍ଷସ ପୃଥିବୀ ଉପରେ ରାଜୁତି କରୁଥିଲା। ସେ ନିଜକୁ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ରାଜା ବୋଲି ଦାବି କରୁଥିଲା ଏବଂ ନିଜକୁ ପୂଜା କରିବାକୁ ତ୍ରିଭୁବନବାସୀଙ୍କୁ ବାଧ୍ୟ କରୁଥିଲା। କିନ୍ତୁ ତା'ର ପୁତ୍ର ପ୍ରହଲ୍ଲାଦ ଭଗବାନ ନାରାୟଣଙ୍କର ପରମ ଭକ୍ତ ଥିଲା। ସେଥିପାଇଁ ସେ ହିରଣ୍ୟକୁ ପୂଜା କରିବାକୁ ରାଜି ହେଲାନାହିଁ। ପ୍ରହଲ୍ଲାଦକୁ ହତ୍ୟା କରିବା ପାଇଁ ହିରଣ୍ୟ ଅନେକ ଚେଷ୍ଟା କଲା, କିନ୍ତୁ ସଫଳ ହେଲାନାହିଁ। ଶେଷରେ ଭଉଣୀ ହୋଲିକାକୁ ସେ ଏହି ଦାୟିତ୍ୱ ପ୍ରଦାନ କଲା। ହୋଲିକା ଅଗ୍ନି ଭିତରେ ପ୍ରହଲ୍ଲାଦକୁ କୋଳରେ ଧରି ବସିଲା। ପ୍ରହଲ୍ଲାଦ ବିଷ୍ଣୁ ନାମ ଉଚ୍ଚାରଣ କରି ରକ୍ଷା ପାଇଲା। ହୋଲିକାଙ୍କ ନାମରୁ ହୋଲି ଶବ୍ଦ ଆସିଥିବା କୁହାଯାଏ। ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ସ୍ୱରୂପ ଏହି ପର୍ବ ପାଳିତ ହୁଏ। ଏ ଅବସରରେ ଗ୍ରାମାଞ୍ଚଳରେ ସଂକୀର୍ତ୍ତନ ମଣ୍ଡଳୀମାନେ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ବୁଲାନ୍ତି। ଘରେ ଘରେ ବିମାନ ଅଟକାଇ ଦୋଳ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଚାରି ଦିନ ଧରି ଏହି ପର୍ବ ପାଳିତ ହୁଏ, ଯାହା ଚାଚେରୀ ରୂପେ ପରିଚିତ। ଶେଷ ଦିନ ଅର୍ଥାତ୍ ପୂର୍ଣ୍ଣିମା ଦିନ ଆନନ୍ଦଉଲ୍ଲାସରେ ପାଳନ କରାଯାଏ ଦୋଳ ଉତ୍ସବ। ହୋଲି ସାଧାରଣତଃ ଏକ ଜାତୀୟ ଗଣ ପାର୍ବଣ। ପ୍ରାୟତଃ ରଙ୍ଗ ଖେଳର ହୋଲି ଛୁଟି ଜାତୀୟ ସରକାରୀ ଓ ବେସରକାରୀ ଛୁଟି ଭାବେ ପରିଚିତ। ବର୍ତ୍ତମାନ କେବଳ ଗାଁରେ ନୁହେଁ ସହରରେ ଥିବା ରାଧାକୃଷ୍ଣଙ୍କ ମନ୍ଦିର ବା ମଠ ମାନଙ୍କର ରାଧାକୃଷ୍ଣଙ୍କ ମୂର୍ତ୍ତି ବିମାନରେ ବୁଲୁଛନ୍ତି। କଟକ ସହରର ହଜାର ବର୍ଷର ପରିଚୟ ଭିତରେ ଦୋଳ ବିମାନ ଯାତ୍ରା କମ୍ ସ୍ମୃତିମୟ ନୁହେଁ। ପାଞ୍ଚଦିନର ଦୋଳବିମାନ ଯାତ୍ରା ଶେଷରେ ପଞ୍ଚଦୋଳରେ ହିଁ ଶେଷ ହୋଇଥାଏ। ସେ ସମୟର ଅବିର ବର୍ତ୍ତମାନ ବି ରହିଛି ହେଲେ କେହି କେହି ଆଧୁନିକ ରଙ୍ଗ ଟିକେ ମିଶାଇ ଦେଇଥାନ୍ତି। ହୋଲି ପର୍ବ ଭାଇଚାରାର ପର୍ବ, ଏହା ଆନନ୍ଦ ଉଲ୍ଲାସର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆସନ୍ତୁ ପବିତ୍ର ହୋଲି ଅବସରରେ ନିଜ ସତ୍ କର୍ମମୟ ଜୀବନକୁ ସେବାର ପୂଣ୍ୟତାରେ କର୍ମମୟ କରି ଗଢ଼ି ତୋଳିବା ଏହା ହିଁ ପବିତ୍ର ହୋଲି ଉତ୍ସବର ଅନ୍ତର୍ନିହିତ ତାତ୍ପର୍ଯ୍ୟ।


+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୩ ମାର୍ଚ୍ଚ ୨୦୨୬, ମଙ୍ଗଳବାର

# ହୋଲି... ହୋଲି...



## ଦୋଳ ଯାତରା
### ନିରଞ୍ଜନ ସାହୁ

ଦୋଳ ଯାତରାରେ ଯୁଗଳ ମୂରତି
ଦୋଳ ବିମାନରେ ବସନ୍ତି
ଦୋଳ ମଣ୍ଡପରେ ଦୋଳି ଖେଳୁଖେଳୁ
ଚୁପିଚୁପି ଟିକେ ହସନ୍ତି ।

ରଙ୍ଗ ଅବିରକୁ ଦେଖିଦେବା ପରେ
କେତେକଥା ଦୁହେଁ ହୁଅନ୍ତି
ଦ୍ୱାପର ଯୁଗର ରାସ ଉତ୍ସବର
କଥାକୁ ଆଣିକି ଥୁଅନ୍ତି
ଅତୀତକୁ ଦୁହେଁ ଫେରିଯାଇ ପୁଣି
ପ୍ରେମର ରସରେ ରସନ୍ତି ।

ଶ୍ରୀକୃଷ୍ଣ କହନ୍ତି ମନେପକା ରାଧେ
ସେକାଳର ରଙ୍ଗ ପରବ
ଯେଉଁ ପରବକୁ ପାଳନ କରିକି
ସରବେ କରନ୍ତି ଗରବ
ମନେପକା ସର୍ବେ ହୋଲି ଖେଳୁଥିବେ
ଆମେ କେଉଁପରି ଖସନ୍ତି ।

ରାଧିକା ଲାଜରେ ସରମି ଯାଆନ୍ତି
ସେକଥାକୁ ମନେପକାଇ
କହନ୍ତି ତୁମେ ତ ବଇଁଶୀ ବଜାଇ
ସମସ୍ତଙ୍କୁ ଆଣ ଡକାଇ
ରଙ୍ଗ ଖେଳିସାରି ଯମୁନା ଜଳରେ
ସ୍ନାନ କରି ଦେହ ଘଷନ୍ତି ।

ଭାବରେ ଭାବରେ ଭାବ ବିନୋଦିଆ
ରାଧିକାଙ୍କ ଚିତ୍ତ ହରନ୍ତି
ରାଧିକା ମନରେ ବସନ୍ତ ରାସର
ଭାବ ଟିକେଟିକେ ଭରନ୍ତି
ମନେମନେ କିନ୍ତୁ ରାଧିକା ମନର
ପ୍ରେମ ପ୍ରଣୟକୁ କଷନ୍ତି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# ହୋଲି : ଭାରତର ଏକ ଶ୍ରେଷ୍ଠ ପର୍ବ

### ଦଶରଥ ହେମ୍ବ୍ରମ୍





ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ପାଳିତ ହେଉଥିବା ପର୍ବପର୍ବାଣୀ ମଧ୍ୟରୁ ହୋଲି ହେଉଛି ଲୋକପ୍ରିୟ ପର୍ବ, କେହିକେହି ଏହାକୁ ଗଣପର୍ବ ମଧ୍ୟ କୁହନ୍ତି। ଆମ ଭାରତରେ ବସବାସ କରୁଥିବା ସବୁ ବର୍ଗର ଲୋକମାନେ ହୋଲି ପର୍ବକୁ ଖୁବ ଉତ୍ସାହର ସହିତ ଦୁଇଦିନ ଧରି ପାଳନ କରିଥାନ୍ତି। ପ୍ରଥମ ଦିନରେ ହୋଲିକା ଦହନ କରାଯାଏ, ଯାହା ଛୋଟିହୋଲି ଭାବେ ଜଣାଶୁଣା ଏବଂ ଦ୍ୱିତୀୟ ଦିନରେ ଲୋକମାନେ ଏକତ୍ର ହୋଇ ଖୁବ ମଜା ମଉଜରେ ରଙ୍ଗ ଖେଳନ୍ତି। ଶୁଣାଯାଏ, ବହୁ ପୂର୍ବରୁ ହୋଲି କେବଳ ହିନ୍ଦୁ ଧର୍ମର ଏକ ପର୍ବ ମଧ୍ୟରେ ସୀମିତ ରହିଥିଲା କିନ୍ତୁ ବର୍ତ୍ତମାନ ସମୟରେ ତାହା ସମଗ୍ର ବିଶ୍ୱରେ ଏକ ମହାଉତ୍ସବ ଭାବେ ବିଶ୍ୱବାସୀ ପାଳନ କରୁଛନ୍ତି। ତେବେ ହୋଲି ପର୍ବ ସହ ଯୋଡ଼ି ହୋଇଛି ଅନେକ ପୌରାଣିକ କଥାବସ୍ତୁ।

କୁହାଯାଏ, ହୋଲି ଭାରତର ପ୍ରାଚୀନ ପର୍ବ ମଧ୍ୟରୁ ଗୋଟିଏ। ଯଦି ଆମେ ହୋଲିର ଉତ୍ପତ୍ତି କିମ୍ବା ହୋଲିର ଇତିହାସ ବିଷୟରେ ଆଲୋଚନା କରିବା, ତେବେ ହୋଲିର ବର୍ଣ୍ଣନା ଅନେକ ପୌରାଣିକ କାହାଣୀରେ ମିଳିଥାଏ। ପୌରାଣିକ ଅନୁସାରେ, ପ୍ରାଚୀନ କାଳରେ ଜଣେ ରାଜା ଥିଲେ, ଯାହାର ନାମ ହିରଣ୍ୟକଶ୍ୟପ। ତାଙ୍କ ପୁଅ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ ଥିଲେ। ସେ ବିଷ୍ଣୁଙ୍କ ଭକ୍ତିରେ ସର୍ବଦା ମଗ୍ନ ଓ ସମର୍ପିତ ରହୁଥିଲେ କିନ୍ତୁ ତାଙ୍କ ପିତା ହିରଣ୍ୟକଶ୍ୟପ ଏହାକୁ ଆଦୌ ପସନ୍ଦ କରୁନଥିଲେ। ତେଣୁ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଅନେକ ଉପାୟରେ ଷଡ଼ଯନ୍ତ୍ର ରଚାଗଲା। ଶେଷରେ, ହିରଣ୍ୟକଶ୍ୟପଙ୍କ ଭଉଣୀ ହୋଲିକାଙ୍କୁ ପ୍ରହ୍ଲାଦଙ୍କ ସହ ନିଆଁରେ ପ୍ରବେଶ କରିବାକୁ ନିର୍ଦ୍ଦେଶ ଦିଆଗଲା। ଏହି ସମୟରେ ପ୍ରଭୁ ବିଷ୍ଣୁ ପ୍ରହ୍ଲାଦଙ୍କୁ ସାହାଯ୍ୟ କରିବାକୁ ଆସି ଭକ୍ତ ପ୍ରହ୍ଲାଦଙ୍କୁ ଉଦ୍ଧାର କରିଥିଲେ କିନ୍ତୁ ହୋଲିକା ନିଆଁରେ ଜଳି ଯାଇଥିଲେ। ସେହିଦିନଠାରୁ ହୋଲିକା ଦହନର ପରମ୍ପରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାହାକୁ ବିଜୟର ଉତ୍ସବ ମନେକରି ସମସ୍ତେ ଏକତ୍ରିତ ହୋଇ ରଙ୍ଗ ଖେଳିବା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। କିମ୍ବଦନ୍ତୀ ଅନୁସାରେ, ଶ୍ରୀକୃଷ୍ଣଙ୍କ ରଙ୍ଗ କଳା ଏବଂ ରାଧାରାଣୀଙ୍କ ରଙ୍ଗ ଗୋରା ଥିଲା। ଏନେଇ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ନିକଟରେ ସବୁଦିନ ଅଭିଯୋଗ କରିଆସୁଥିଲେ। ଯଶୋଦା ମାତା ଶ୍ରୀକୃଷ୍ଣଙ୍କୁ ରାଧାରାଣୀଙ୍କ ମୁହଁରେ ତାଙ୍କ ପରି ସମାନ ରଙ୍ଗ ଲଗାଇବାକୁ କହିଲେ, ଯାହାଦ୍ୱାରା ଦୁହେଁ ସମାନ ଦେଖାଯିବେ। ଭଗବାନ ଶ୍ରୀକୃଷ୍ଣ ବହୁତ ଖୁସି ହେଲେ ଏବଂ ତାଙ୍କ ବନ୍ଧୁମାନଙ୍କ ସହିତ ରାଧାରାଣୀଙ୍କୁ ରଙ୍ଗ ଲଗାଇବା ପାଇଁ ବାହାରକୁ ଗଲେ। ଭଗବାନ ଶ୍ରୀକୃଷ୍ଣ ମାତା ରାଧାରାଣୀଙ୍କୁ ରଙ୍ଗ ଲଗାଇଥିଲେ। ସେହିଦିନଠାରୁ ହୋଲି ଖେଳିବାର ପରମ୍ପରା ଶ୍ରୀକୃଷ୍ଣ ଏବଂ ରାଧା ରାଣୀଙ୍କ ପାଖରୁ ଆରମ୍ଭ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ଏହାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଲୋକମାନେ ବହୁତ ଉତ୍ସାହର ସହିତ ରଙ୍ଗ ଖେଳିବା ଆରମ୍ଭ କଲେ, ଯାହା 'ହୋଲି' ଭାବରେ ଜଣାଶୁଣା। ହରିହର ପୁରାଣର ଅନୁସାରେ, ବିଶ୍ୱର ପ୍ରଥମ ହୋଲି ପ୍ରଭୁ ମହାଦେବ ଖେଳିଥିଲେ। ଏବଂ ଙ୍କ ସହ ଜଡ଼ିତ। ଭଗବାନ ଶିବ କୈଳାସ ପର୍ବତରେ ଧ୍ୟାନମଗ୍ନ ଥିଲେ। ରାକ୍ଷସ ତାରକାସୁରକୁ ବଧ କରିବା ପାଇଁ ପ୍ରେମର ଦେବତା କାମଦେବ ଏବଂ ତାଙ୍କ ପତ୍ନୀ ରତି ମହାଦେବ ଶିବଙ୍କୁ ଧ୍ୟାନରୁ ଉଠାଇବା ପାଇଁ ନୃତ୍ୟ ଆରମ୍ଭ କରିଥିଲେ। ତାଙ୍କର ନୃତ୍ୟ ଦ୍ୱାରା ଭଗବାନ ଶିବଙ୍କ ଧ୍ୟାନ ଭଗ୍ନ ହୋଇଥିଲା ଏବଂ ମହାଦେବ ଶିବଙ୍କ କ୍ରୋଧାଗ୍ନିରେ କାମଦେବ ଜଳିଗଲେ। ଏହାପରେ ରତି ଅନୁତାପରେ ଯେତେବେଳେ କାନ୍ଦିଲେ, ଭଗବାନ ଶିବ ତାଙ୍କ ପ୍ରତି ଦୟା କଲେ ଏବଂ କାମଦେବଙ୍କୁ ପୁନର୍ବାର ଜୀବିତ କଲେ। ଏହି ଖୁସିରେ ରତି ଏବଂ କାମଦେବ ବ୍ରଜ ମଣ୍ଡଳରେ ବ୍ରହ୍ମଭୋଜନର ଆୟୋଜନ କରିଥିଲେ, ଯେଉଁଥିରେ ଦେବଦେବୀମାନେ ଅଂଶଗ୍ରହଣ କରିଥିଲେ। ଚନ୍ଦନ ତିଳକ ଲଗାଇ ଏହି ଦିନକୁ ଉଲ୍ଲାସରେ ପାଳନ କରାଯାଇଥିଲା। କୁହାଯାଏ, ଏହି ଦିନଟି ଥିଲା ଫାଲ୍‌ଗୁନ ପୂର୍ଣ୍ଣିମା। ଭାରତୀୟ ଇତିହାସରୁ ଜଣାପଡେ, ଶ୍ରୀଚୈତନ୍ୟ ଦେବ ଏହି ଦିନ ଜନ୍ମଗ୍ରହଣ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଈଶ୍ୱର ହେଉଛନ୍ତି ସମସ୍ତଙ୍କର। ଏହି ବିଶ୍ୱାସ ଯୋଗୁଁ ହିଁ ନାମ ସଂକୀର୍ତ୍ତନ ହୋଲିରେ ପ୍ରବେଶ କରି ଏହାର ଏକ ଅଭିନ୍ନ ଅଂଶରେ ପରିଣତ ହୋଇଛି। ଏଣୁ ହୋଲି ପ୍ରେମ, ବିଶ୍ୱାସ, ଭ୍ରାତୃତ୍ୱ ଭାବ ଏବଂ ସଦ୍‌ଭାବନାର ଏକ ମହାପର୍ବ ବୋଲି ଶ୍ରୀଚୈତନ୍ୟ କହିଥିଲେ।

ଆଧ୍ୟାତ୍ମିକ ଭାରତ ବର୍ଷକୁ ଦେଖିଲେ ସମସ୍ତ ବର୍ଗର ଲୋକମାନେ ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣପର୍ବ ଭାବେ ପାଳନ କରିଥାନ୍ତି। ଆମ ଦେଶରେ ଥିବା ବିଭିନ୍ନ ରାଜ୍ୟରେ ବିଭିନ୍ନ ଢଙ୍ଗରେ ହୋଲି ଉତ୍ସବ ପାଳନ କରିବାର ଉତ୍ସୁକତା ଦେଖାଯାଏ। କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ ରହିଛି, ଯେମିତି ପଶ୍ଚିମବଙ୍ଗରେ 'ବସନ୍ତୋତ୍ସବ', ଆମ ଓଡ଼ିଶାରେ 'ଦୋଳଯାତ୍ରା' ମହାରାଷ୍ଟ୍ରରେ 'ରଙ୍ଗପଞ୍ଚମୀ', ଓ ଫାଲ୍ଗୁନ ପୂର୍ଣ୍ଣିମା, ପଞ୍ଜାବରେ 'ହୋଲ୍ଲା ମୋହୋଲା', ଉତ୍ତରପ୍ରଦେଶରେ 'ଲାଠମାର', ଗୋଆରେ 'ସିଗମୋ', କେରଳରେ 'ମଞ୍ଜଲ କୁଳି', ଗୁଜୁରାଟରେ 'ଧୁଲେଟି' ଓ ତାମିଲନାଡୁ ଏବଂ କର୍ଣ୍ଣାଟକରେ 'କାମ-ଦହନ'/'ମଦନୋତ୍ସବ' ନାମରେ ଜଣାଶୁଣା। କିନ୍ତୁ ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା 'ବ୍ରଜ ହୋଲି' ଭାବେ ପ୍ରସିଦ୍ଧ। ସବୁଠାରୁ ବଡ଼ କଥା ହେଲା, ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ। ମହାରାଷ୍ଟ୍ରରେ ପାଞ୍ଚଦିନ ଧରି ହୋଲି ପାଳିତ ହୋଇଥାଏ। ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରମ୍ପରା ରହିଛି।

ଖାଲି ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବ ପାଳନ କରନ୍ତି, ତାହା ନୁହେଁ; ବରଂ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆନନ୍ଦ, ଉଲ୍ଲାସର ସହ ପରସ୍ପରକୁ ଅବିର ଓ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାନ୍ତି। କିଛି ସମୟ ପାଇଁ ହେଉ ପଛେ ସେମାନେ ଭୁଲିଯାନ୍ତି ସେମାନଙ୍କ ଜୀବନର ଥିବା ଅନେକ ସମସ୍ୟା ଏବଂ ସମସ୍ତ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ। ରଙ୍ଗ ଭରିଦିଏ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। କୁହାଯାଏ, ଏହିଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ। ସେଥିପାଇଁ କୁହାଯାଏ 'ବୁରା ନା ମାନୋ ହୋଲି ହୈ'। ଏହିପରି ଭାବେ ହୋଲି ଉତ୍ସବ ଆମ ସମାଜରେ ଭାଇଚାରା ଓ ମିତ୍ରତା ବଢ଼ାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ।

+ବାଲେଶ୍ୱର,
ମୋ -୯୩୩୭୪୦୪୨୫୪

## ହୋଲି ଆସିଛି...
### ଦୁଷ୍ମନ୍ତ ବେହେରା

ରଙ୍ଗ ଆଣିଛି ହସ ଖୁସି ନେଇ
ଦେଖରେ ଭାଇ ହୋଲି
ଆସିଛି ସଜ ହୋଇ।

ସଭିଏଁ ଖେଳିଲେ ମନ ଦେଇ
ଫଗୁ ରଙ୍ଗରେ ରଙ୍ଗେଇ ହେବା
ଆମ ଜନ ମାନସକୁ ନେଇ।

ଶିଶୁ ହସିଲେ ଯୁବା ହସେ
ଦୁନିଆ ସାରା ହୋଲି ଭାଇ
ଲୁଚି ରଙ୍ଗ ଦେବା ଲଗେଇ।

ଫଗୁଣ ପ୍ରିତୀରେ ଦିନ ହସୁଥିଲା
ନାଲି ରଙ୍ଗକୁ ଦେଖି ବାଟ ହସେ
କଳା ଭମର ପାଦର ଶବଦେ।

ସାବଧାନ ଥିବ ହୋଲି ଖେଳି
ଗଲା ବେଳେ ନବ ତୁମ ଖୁସିରୁ
ଅଧେ ପବନ ବୋହି।

ଆସ ବନ୍ଧୁ କାନ୍ଧରେ କାନ୍ଧ
ମିଳେଇ ମଉଜ କରିବା
ହୋଲି ଆସିଛି ଭାଇ।

ଗାଲରେ ରଙ୍ଗ ମନରେ ରଙ୍ଗ
ରାଗ କରିବା ନାହିଁ ବନ୍ଧୁ ପରି
ଜନଙ୍କ ଉପରେ ମିତ।

ହୋଲି ମହୋତ୍ସବକୁ ହସି ସ୍ୱାଗତ
କରିବା ଆସି ଗଲାବେଳେ ଦେବା
ହୃଦୟରୁ ବିଦାୟ ପୁଣି।

+ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ : ୮୮୯୫୦୯୦୧୬୩

# ରଙ୍ଗର ପର୍ବ ହୋଲି

### ରମେଶ ଚନ୍ଦ୍ର ନାୟକ





ଋତୁ ଅନୁଯାୟୀ ପ୍ରକୃତିର ରୂପସମ୍ଭାର ମାନବ ସମାଜକୁ ପ୍ରଭାବିତ କରେ। ପୁଣି ଋତୁଭେଦରେ ଅନୁଷ୍ଠିତ ପର୍ବପର୍ବାଣୀ ଗୁଡିକ ଜନଜୀବନକୁ ଆହ୍ଲାଦିତ କରିବା ସଙ୍ଗେ ସଙ୍ଗେ ନୂତନ ଦିଗଦର୍ଶନ ମଧ୍ୟ ଦେଇଥାଏ। ଋତୁ ମାନଙ୍କ ମଧ୍ୟରେ ବସନ୍ତର ଶ୍ରେଷ୍ଠତ୍ୱ ଯୁଗେ ଯୁଗେ ଅଛି। ଋତୁରାଜ ବସନ୍ତରେ ପାଳନ କରାଯାଉଥିବା ପର୍ବ ମାନଙ୍କ ମଧ୍ୟରେ ଦୋଳ ଉତ୍ସବ ପ୍ରଧାନ। ବସନ୍ତର ମନଛୁଆଁ ପରିବେଶରେ ଦୋଳ ଉତ୍ସବ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ। ବାସ୍ତବିକ ଏହାକୁ ବସନ୍ତ ଉତ୍ସବ କହିଲେ ଅଯଥାର୍ଥ ହେବ ନାହିଁ।ଏହି ଋତୁର ଫାଲଗୁନ ଓ ଚୈତ୍ର ଦୁଇମାସରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ। ଫାଲଗୁନ ଶୁକ୍ଳଦଶମୀ ତିଥିରୁ ଗ୍ରାମେ ଗ୍ରାମେ ଦୋଳ ଉତ୍ସବ ଆରମ୍ଭ ହୁଏ।ପ୍ରତି ଦ୍ୱାରରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ସମର୍ପଣ କରାଯାଏ। ଏହି ଭୋଗ ଖିଆରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସହୃଦୟତା ବିଦ୍ୟମାନ। ମଣିଷ ସିନା ଦେବତାଙ୍କ ନିକଟକୁ ଯାଏ , ଦେବତା ମଧ୍ୟ ମଣିଷ ପାଖରେ ପ୍ରାର୍ଥୀରୂପେ ଦଣ୍ଡାୟମାନ ହୁଏ। ଏହି ଉଦାର ପରିକଳ୍ପନା ପବିତ୍ର ଦୋଳୋତ୍ସବରୁ ହିଁ ମିଳିଥାଏ।ଏହି ଉତ୍ସବକୁ ରଙ୍ଗରେ ସଜାଇଥାଏ ରଙ୍ଗୋଲୀ ହୋଲି।

ହୋଲି ହେଉଛି ଏକ ଜାତୀୟ ପର୍ବ ଯାହାକି ସର୍ବଭାରତୀୟ ସ୍ତରରେ ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କ ବ୍ୟତୀତ ବିଭିନ୍ନ ଧର୍ମର ଲୋକମାନେ ମଧ୍ୟ ପାଳନ କରିଥାନ୍ତି। ଭାରତର ଅନେକ ରାଜ୍ୟ ଦୋଳ ପୂର୍ଣ୍ଣିମା ଦିନ ହୋଲି ପାଳନ କରୁଥିବା ବେଳେ ଓଡ଼ିଶାର ଲୋକମାନେ ଦୋଳ ପୂର୍ଣ୍ଣିମା ପରଦିନ ଏହି ପର୍ବ ପାଳନ କରନ୍ତି। ଯେହେତୁ ହୋଲି ହେଉଛି ଏକ ଭାଇ ଚାରାାର ପର୍ବ , ତେଣୁ ପରିବାରର ସମସ୍ତ ସଦସ୍ୟ ମାନେ ପରସ୍ପରକୁ ରଙ୍ଗ ଓ ଅବିର ଲଗାଇ ଖୁସିରେ ହୋଲି ପର୍ବ ପାଳନ କରନ୍ତି। ଯେଉଁଠାରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଥାଏ ସେଠାରେ ସେମାନେ ରାଧାକୃଷ୍ଣଙ୍କ ପ୍ରତିମାକୁ ବିମାନରେ ବସାଇ ହୋଲି ପାଳନ କରିଥାନ୍ତି।

ହୋଲି କେବଳ ଏକ ଭାଇ ଚାରାର ପର୍ବ ନୁହେଁ , ଏହା ଏକ ପ୍ରେମ ପ୍ରଣୟର ପର୍ବ । ଏହି ଦିନ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ରଙ୍ଗ ଲଗାଇ ଜୀବନର ସବୁ ଦୁଃଖ କଷ୍ଟକୁ ଭୁଲିଯାଇ ପ୍ରୀତି ପ୍ରଣୟ ପାଇଁ ନିଷ୍ପତ୍ତି ନିଅନ୍ତି। ଯଦି ସମ୍ପର୍କୀୟ ମାନଙ୍କ ମଧ୍ୟରେ ଶତୃତା ଲାଗି ରହିଥାଏ , ତେବେ ଏହି ହୋଲି ପର୍ବରେ ପରସ୍ପରକୁ ରଙ୍ଗ ଲଗାଇ ଶତୃତାକୁ ସମାପ୍ତ କରିଥାନ୍ତି। ଧନୀ ଦାରିଦ୍ର୍ୟର ବାଧକ ଆଦୌ ରହି ନଥାଏ। ଏହି ପର୍ବ ରେ ଅନ୍ୟ ଏକ ବିଶେଷତ୍ୱ ହେଲା ପରସ୍ପରକୁ ଆନ୍ତରିକ ଭଲପାଇବା। ଫାଲଗୁନ ମାସର ବିଶେଷ ପର୍ବ ହୋଲି ବର୍ତ୍ତମାନ ଆଗତପ୍ରାୟ। ଗତ ଦୁଇ ତିନି ବର୍ଷ ଧରି ହୋଲି ଉତ୍ସବ ପାଳନର ବାଧକ ସାଜିଥିଲା କରୋନା ସଂକ୍ରମଣ। ଛଡ଼ାଇ ନେଇଥିଲା ସଭିଙ୍କ ମୁହଁରୁ ହସ। ଥଣ୍ଡା କାଶକୁ ଭୟ କରି ଲୋକେ ହୋଲି ଖେଳଠୁ ଗତ ଦୁଇ ବର୍ଷ ହେଲା ଦୂରେଇ ରହିଥିଲେ। ସମ୍ପ୍ରତି କରୋନାର ତୃତୀୟ ଲହର ପ୍ରଭାବ ହ୍ରାସ ପାଇଥିବାରୁ ତଥା ସରକାରୀ କଟକଣା କୋହଳ କାରଣରୁ ଏହି ପବିତ୍ର ହୋଲି ଉତ୍ସବକୁ ବହୁତ ଧୁମଧାମରେ ପାଳନ ପାଇଁ ପ୍ରାୟ ସମସ୍ତେ ଯୋଜନା କରିବେଣି।

ହୋଲି ଏକ ଅଦ୍ଭୁତ ପର୍ବ ଯେଉଁଥିରେ ପରସ୍ପର ଫଗୁ ରଙ୍ଗ ପକାଇ ଆନନ୍ଦ ପାଳନ କରାଯାଏ। ଏହା ସାମାଜିକ ଭାତୃତ୍ୱର ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପର୍ବ କୁ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ବିଗତ ଅନେକ ବର୍ଷରେ ଏହି ପର୍ବ ଦେଶର ବ୍ୟାପାର କ୍ଷେତ୍ରରେ ମଧ୍ୟ ଆନନ୍ଦ ଆଣି ଦେଇଛି। ଦିନକୁ ଦିନ ନୂଆ ନୂଆ ରଙ୍ଗ ଓ ବିଭିନ୍ନ ଆନୁସଙ୍ଗିକ ପଦାର୍ଥର ଉପସ୍ଥାପନା କରି କମ୍ପାନୀମାନେ ଖାଉଟି ମାନଙ୍କୁ ଲୋଭେଇବାରେ ଲାଗିଛନ୍ତି। ଅତୀତରେ ହୋଲି ଆଉ ବର୍ତ୍ତମାନର ହୋଲିରେ ଯଦି କିଛି ବଦଳିଛି ତାହେଲେ ତାହା ହେଉଛି କୃତ୍ରିମ ରଙ୍ଗର ଉପସ୍ଥିତି। କେତେକ ରାସାୟନିକ ରଙ୍ଗ ଆମ ଶରୀର ପାଇଁ କ୍ଷତିକାରକ। ହୋଲି ଯଦିଓ ଏକ ଆନନ୍ଦର ପର୍ବ , କିନ୍ତୁ ଅସାବଧାନତା ଦ୍ୱାରା ଏହା ଦୁଃଖରେ ପରିଣତ ହୋଇପାରେ। ହୋଲିରେ ରଙ୍ଗ ଖେଳାଖେଳିକୁ ନେଇ ବହୁ ବିବାଦ, ଗଣ୍ଡଗୋଳ ତଥା ଅନେକ ଅପ୍ରୀତିକର ପରିସ୍ଥିତି ଉପୁଜୁଥିବାର ଅନେକ ନଜିର ରହିଛି। ତେଣୁ ଅତ୍ୟନ୍ତ ସାବଧାନତା ସହ ହର୍ବାଲ ରଙ୍ଗରେ ହୋଲି ଉତ୍ସବ ପାଳନ କରିବାକୁ ପ୍ରୟାସ ଜାରି ରହିବା ଉଚିତ୍। ସରକାରୀ ନୀତି ନିୟମକୁ ଅବମାନନା ନକରି ତଥା କରୋନା କଟକଣା ମଧ୍ୟରେ ହୋଲି ଉତ୍ସବକୁ ପାଳନ କରିବା ପାଇଁ ଜନସାଧାରଣ ଚେଷ୍ଟା କରିବେ ବୋଲି ଆଶା କରାଯାଏ।

+ କେଶରପୁର,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦.

# କେମିକାଲକୁ ନା ହର୍ବାଲକୁ ହଁ

### ଦିପ୍ତିମୟୀ ନାୟକ

ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ପର୍ବପର୍ବାଣି । ଏହି ପର୍ବଗୁଡ଼ିକ ମଧ୍ୟରେ ହୋଲି ବା ଦୋଳ ପୂର୍ଣ୍ଣିମା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ରଙ୍ଗର ପର୍ବ, ଆନନ୍ଦର ପର୍ବ ଏବଂ ଭାତୃଭାବର ପର୍ବ । ବସନ୍ତ ଋତୁର ମୃଦୁ ମଳୟ ଓ ଫଗୁଣର ଫଗୁ ସାରା ପୃଥିବୀକୁ ରଙ୍ଗୀନ କରିଦିଏ । କିନ୍ତୁ ଏବେ ସମୟ ବଦଳିବା ସହ ହୋଲି ଖେଳିବାର ଶୈଳୀ ମଧ୍ୟ ବଦଳିଯାଇଛି । ଆଜିକାଲି ଲୋକମାନେ ଆନନ୍ଦ ଅପେକ୍ଷା କୃତ୍ରିମତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ବିଶେଷ କରି ବଜାରରେ ମିଳୁଥିବା କ୍ଷତିକାରକ ରାସାୟନିକ ବା କେମିକାଲ ରଙ୍ଗ ଏହି ପବିତ୍ର ପର୍ବର ରୂପରେଖ ବିଗାଡ଼ି ଦେଉଛି । ଏଣୁ ବର୍ତ୍ତମାନର ସମୟ ଆହ୍ୱାନ କରୁଛି ଯେ, ଆମେ କେମିକାଲ ରଙ୍ଗକୁ ବର୍ଜନ କରି ହର୍ବାଲ ହୋଲି ବା ପ୍ରାକୃତିକ ହୋଲି ପାଳନ କରିବା ଉଚିତ ।

ତେବେ ହୋଲି ପାଳନ ପଛରେ ଅନେକ ଆଧ୍ୟାତ୍ମିକ କାହାଣୀ ମଧ୍ୟ ରହିଛି । ଶ୍ରୀକୃଷ୍ଣ ଓ ରାଧାଙ୍କର ପବିତ୍ର ପ୍ରେମର ପ୍ରତୀକ ଭାବେ ବୃନ୍ଦାବନରେ ଏହି ଉତ୍ସବ ଖୁବ୍ ଧୁମଧାମରେ ପାଳିତ ହୁଏ । ସେହିପରି ଅସୁର ରାଜା ହିରଣ୍ୟକଶ୍ୟପର ଭଉଣୀ ହୋଲିକାର ଦହନ ଏବଂ ଭକ୍ତ ପ୍ରହ୍ଲାଦର ବିଜୟକୁ ମନେ ପକାଇ ଏହି ପର୍ବ ପାଳନ କରାଯାଏ । ପୂର୍ବକାଳରେ ଲୋକମାନେ ପ୍ରକୃତିଦତ୍ତ ଉପାଦାନ ଯଥା- ପଳାଶ ଫୁଲ, ହଳଦୀ, ଚନ୍ଦନ ଓ ବିଭିନ୍ନ ପ୍ରାକୃତିକ ପଦାର୍ଥରେ ହୋଲି ଖେଳୁଥିଲେ। ସେତେବେଳେ ହୋଲିର ଅର୍ଥ ଥିଲା ଶରୀର ଓ ମନକୁ ଶୁଦ୍ଧ କରିବା । ବିଂଶ ଶତାବ୍ଦୀର ଶେଷ ଭାଗରୁ ବଜାରରେ ଶସ୍ତା ଓ ଚମକଦାର ରଙ୍ଗର ପ୍ରାଦୁର୍ଭାବ ବଢ଼ିଛି । ଏହି ରଙ୍ଗଗୁଡ଼ିକରେ ସୀସା, ପାରଦ, କ୍ରୋମିୟମ, ଏବଂ କ୍ୟାଡମିୟମ ପରି ଭାରୀ ଧାତୁ ମିଶିଥାଏ । ଅଧିକାଂଶ ସମୟରେ ରଙ୍ଗକୁ ଚମକଦାର କରିବା ପାଇଁ ଏଥିରେ କାଚ ଗୁଣ୍ଡ ଓ ଅନ୍ୟାନ୍ୟ ଏସିଡ୍ ମଧ୍ୟ ବ୍ୟବହାର କରାଯାଏ । ଏହାର କୁପ୍ରଭାବରେ ଚର୍ମ ସମସ୍ୟା,ଆଖି ଉପରେ ପ୍ରଭାବ,ଶ୍ୱାସକ୍ରିୟା ସମସ୍ୟା,ପରିବେଶ ଉପରେ କୁପ୍ରଭାବ ପକାଇଥାଏ । ଯେମିତିକି ଚର୍ମ ସମସ୍ୟା ହେଲେ ଚର୍ମରେ ଆଲର୍ଜି, ଏକଜେମା, ଏବଂ ଚର୍ମ କର୍କଟ ହେବାର ଆଶଙ୍କା ଥାଏ ।କେମିକାଲ ରଙ୍ଗ ଆଖିରେ ପଡ଼ିଲେ କର୍ଣ୍ଣିଆ ନଷ୍ଟ ହୋଇଯାଏ । ଯାହା ଫଳରେ ମଣିଷ ଅନ୍ଧ ମଧ୍ୟ ହୋଇପାରେ । ପାଉଡର୍ ରୂପରେ ଥିବା ରଙ୍ଗ ନିଶ୍ୱାସ ଦ୍ୱାରା ଫୁସଫୁସକୁ ଯାଇ ଆଜ୍‌ମା ବା ଶ୍ୱାସରୋଗ ସୃଷ୍ଟି କରେ । ହୋଲି ପରେ ଏହି ରାସାୟନିକ ରଙ୍ଗ ପାଣିରେ ମିଶି ନଦୀ ଓ ନାଳକୁ ପ୍ରଦୂଷିତ କରେ ଯାହା ଜଳଚର ଜୀବମାନଙ୍କ ପାଇଁ ମୃତ୍ୟୁଦୂତ ସଦୃଶ ହୋଇଥାଏ ।

ତେବେ ହର୍ବାଲ ରଙ୍ଗ ହେଉଛି ସମ୍ପୂର୍ଣ୍ଣ ଭାବେ ଗଛଲତା, ଫୁଲ ଏବଂ ଫଳରୁ ପ୍ରସ୍ତୁତ ହୋଇଥିବା ରଙ୍ଗ । ଏଥିରେ କୌଣସି ବିଷାକ୍ତ ପଦାର୍ଥ ନଥାଏ । ଏହା ଚର୍ମ ପାଇଁ ଅତ୍ୟନ୍ତ ସୁରକ୍ଷିତ ଏବଂ ଉପକାରୀ । ହର୍ବାଲ ରଙ୍ଗର ବ୍ୟବହାର ଦ୍ୱାରା ହୋଲିର ପ୍ରକୃତ ଆନନ୍ଦ ମିଳିଥାଏ । ଏହା କେବଳ ଆମ ସ୍ୱାସ୍ଥ୍ୟ ନୁହେଁ ବରଂ ପରିବେଶକୁ ମଧ୍ୟ ସୁରକ୍ଷିତ ରଖିଥାଏ । ତେଣୁ ଘରୋଇ ଉପାୟରେ ହର୍ବାଲ ରଙ୍ଗ ପ୍ରସ୍ତୁତ କରନ୍ତୁ । ହଳଦୀ ଗୁଣ୍ଡ ସହିତ ବେସନ ବା ମଇଦା ମିଶାଇ ସୁନ୍ଦର ହଳଦିଆ ରଙ୍ଗ ପ୍ରସ୍ତୁତ କରନ୍ତୁ ।ଶୁଖିଲା ମନ୍ଦାର ଫୁଲର ପାଖୁଡ଼ାକୁ ଗୁଣ୍ଡ କରି କିମ୍ବା ରକ୍ତଚନ୍ଦନ ବ୍ୟବହାର କରି ନାଲି ରଙ୍ଗ ପ୍ରସ୍ତୁତ କରନ୍ତୁ ।ମେହେନ୍ଦୀ ଗୁଣ୍ଡ, ପାଳଙ୍ଗ ଶାଗର ରସ କିମ୍ବା ନିମ୍ବ ପତ୍ରର ବ୍ୟବହାର କରି ସବୁଜ ରଙ୍ଗ ପ୍ରସ୍ତୁତ କରନ୍ତୁ । ଏହା ଶରୀର ପାଇଁ ଉପକାରୀ ହୋଇଥାଏ । ବିଟକୁ ପାଣିରେ ସିଝାଇ ସେଥିରୁ ପ୍ରାକୃତିକ ବାଇଗଣୀ ରଙ୍ଗ ପ୍ରସ୍ତୁତ କରନ୍ତୁ । ଦେଖିବେ ଏହିସବୁ ରଙ୍ଗ ଆଗରେ ବଜାରର ରଙ୍ଗ ଫିକା ପଡ଼ିଯିବ । କେବଳ ନିଜେ ସୁରକ୍ଷିତ ରହିଲେ ହେବ ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ପଡ଼ିବ । ଗାଁଠୁ ସହର ସବୁଠି କେମିକାଲକୁ ନା, ହର୍ବାଲକୁ ହଁ ସ୍ଲୋଗାନ ପହଞ୍ଚିବା ଆବଶ୍ୟକତା ରହିଛି । ବିଦ୍ୟାଳୟ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ହୋଲିର ମହତ୍ତ୍ୱ ବୁଝାଇବା ଉଚିତ।

ରଙ୍ଗ ଖେଳିବା ପୂର୍ବରୁ ସାରା ଶରୀରରେ ନଡ଼ିଆ ତେଲ ବା ମୋଇସ୍ଚରାଇଜର୍ ଲଗାନ୍ତୁ । ଆଖିରେ ଚଷମା ପିନ୍ଧନ୍ତୁ ଯେପରି ରଙ୍ଗ ଭିତରକୁ ନଯାଏ । ପାଣି ନଷ୍ଟ କରନ୍ତୁ ନାହିଁ କାରଣ ହୋଲିରେ ଅତ୍ୟଧିକ ପାଣିର ଅପବ୍ୟୟ ଏକ ଗମ୍ଭୀର ସମସ୍ୟା ହୋଇଥାଏ । ପଶୁପକ୍ଷୀଙ୍କ ଉପରେ ରଙ୍ଗ ପକାନ୍ତୁ ନାହିଁ କାରଣ ଏହି କେମିକାଲ ସେମାନଙ୍କ ପାଇଁ ପ୍ରାଣଘାତୀ ହୋଇଥାଏ । ତେବେ ହୋଲି ହେଉଛି ସମ୍ପର୍କର ରଙ୍ଗ । ଏହି ପର୍ବରେ କ୍ରୋଧ, ହିଂସା ଓ ଅହଂକାରକୁ ଭୁଲି ଏକ ନୂତନ ଜୀବନ ଆରମ୍ଭ କରିବାର ସଂକଳ୍ପ ନିଆଯାଏ । ତେଣୁ ଏହି ରଙ୍ଗୀନ ପର୍ବ ଯେମିତି କାହାର ଦୁଃଖର କାରଣ ନହୁଏ । ସେଥିପ୍ରତି ଆମେ ସତର୍କ ରହିବା ଉଚିତ । କେମିକାଲ ରଙ୍ଗକୁ ବର୍ଜନ କରି ହର୍ବାଲ ରଙ୍ଗରେ ହୋଲି ଖେଳିଲେ ପ୍ରକୃତି ମଧ୍ୟ ଖୁସି ହେବ ଏବଂ ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ଆସନ୍ତୁ ଏହି ବର୍ଷ ହୋଲିରେ ଆମେ ସ୍ନେହର ରଙ୍ଗରେ ରଙ୍ଗୀନ ହେବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

## ଭାଇଚାରାର ପର୍ବ ହୋଲି
### ଗୋଲୋକ ବିହାରୀ ବେହେରା

କୋଇଲିର କୁହୁ ବଉଳ ବାସନା
ସୁବାସିତ ଫୁଲ ମହକ,
ମଳୟ ପବନେ ଭିଜେ ତନୁ ମନ
ହୋଲି ହୃଦୟର ସମ୍ପର୍କ।
ନାଲି ନୀଳ ରଙ୍ଗ ପିଚକାରୀ ମରା
ନାଚର ଗୀତର ଉଲାସ ,
ସବୁ ଧରମର ଭାଇଚାରା ଖେଳ
ହୋଲି ଦିଏ ମୁଖେ ହରଷ।
ହିରଣ୍ୟକଶ୍ୟପ ଭଗିନୀ ହୋଲିକା
ପ୍ରହଲ୍ଲାଦ କୋଳେ ଧଇଲା,
ନିଆଁରେ ପଶିଲା ନିଜେ ପୋଡ଼ି ମଲା
ଧରଣୀ ନିଃଶ୍ୱାସ ମାଇଲା।
ଦୋଳ ପୂର୍ଣ୍ଣିମାରେ ରାଇ ଦାମୋଦର
ଦୋଳ ମଣ୍ଡପରେ ଝୁଲିଲେ,
ପର ଦିନ ପ୍ରଭୁ ଗୋପାଙ୍ଗନା ସହ
ରାସକ୍ରୀଡା ରଙ୍ଗ ଖେଳିଲେ।
ଆସ ଭାଇ ଆମେ ପ୍ରାକୃତିକ ରଙ୍ଗେ
ରଂଗ ପିଚକାରୀ ଖେଳିବା,
ସାବଧାନ ହୋଇ ନଦୀ ପୋଖରୀରେ
ଦେଖି ଚାହିଁ ସ୍ନାନ କରିବା।
ହୋଲି ଖେଳ ଅଟେ ପ୍ରେମ ଭକ୍ତି ଶାନ୍ତି
ଶରଧାର ଏକ ପରବ,
ରଂଗ ପିଚକାରୀ ଅବିର ଖେଳରେ
ଆନନ୍ଦ ହୁଅନ୍ତି ସରବ।

+ଷଡ଼ଙ୍ଗୀ, ଢେଙ୍କାନାଳ



## ଚାଲୁନ ଖେଳିବା ହୋଲି
### ପ୍ରାର୍ଥନା ଦାସ

ଚାଲୁନ ଖେଳିବା ହୋଲି
ରଙ୍ଗର ପସରା ମେଲି ।

ରାଗ ରୁଷା ସବୁ ଛାଡି
ହୋଲି ଖେଳିବା ହୋଇଣ ଯୋଡ଼ି ।

ରାଧାମୋହନଙ୍କୁ ପାଛୋଟି ନେବା
ଜୈବିକ ରଙ୍ଗରେ ହୋଲି ଖେଳିବା ।

ମନର ମଇଳା ଛଡେଇ ଦେବା
ଦୟା, କ୍ଷମା ସବୁ ଆପଣେଇବା ।

ସାଙ୍ଗସାଥି ହୋଇ ଖୁସି ବାଣ୍ଟିବା
ପଶୁପକ୍ଷୀଙ୍କ ଦେହେ ରଙ୍ଗ ନ ଢ଼ାଳିବା ।

ପରିବେଶ କଥା ଚିନ୍ତା କରିବା
ସବୁ କଥା ମାନି ହୋଲି ଖେଳିବା ।

ଅସହାୟଙ୍କ ମୁହଁରେ ଫୁଟାଇ ହସ
ସାଙ୍ଗ ହୋଇ ହୋଲି ଖେଳିବା ଆସ ।

ମୋବାଇଲରେ ମେସେଜ୍ ନ ପଠାଇ
ଦେଖା ହୋଇ ରଙ୍ଗ ବୋଳିବା ଭାଇ ।

ଜେଜେ ଜେଜେମାଙ୍କୁ ସାଙ୍ଗରେ ଧରି
ଚାଲ ହୋଲି ଖେଳିବା ନ କରି ଡେରି ।

+ଯାଜପୁର

# ହରମୁଜ ପ୍ରଣାଳୀ ସଙ୍କଟ: ବିଶ୍ୱ ଅର୍ଥନୀତି ପାଇଁ ସତର୍କ ଘଣ୍ଟି

ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲର ମିଳିତ ସାମରିକ ବାହିନୀ ଦ୍ୱାରା ଇରାନର ରଣନୈତିକ ଘାଟିଗୁଡ଼ିକ ଉପରେ କରାଯାଇଥିବା ଘନ ଘନ ଆକ୍ରମଣ ଏବଂ ଏହାର ପ୍ରତ୍ୟୁତ୍ତରରେ ତେହେରାନ ଦ୍ୱାରା ନିଆଯାଇଥିବା ପ୍ରତିଶୋଧମୂଳକ ପଦକ୍ଷେପ ପଶ୍ଚିମ ଏସିଆର ଭୂ-ରାଜନୀତିକୁ ସମ୍ପୂର୍ଣ୍ଣ ଓଲଟପାଲଟ କରିଦେଇଛି । ଇରାନର ସର୍ବୋଚ୍ଚ ନେତୃତ୍ୱ ଏହି ଆକ୍ରମଣକୁ କେବଳ ଏକ ସାମରିକ ଆହ୍ୱାନ ଭାବେ ଗ୍ରହଣ ନକରି, ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ 'ହରମୁଜ ପ୍ରଣାଳୀ' (**Strait of Hormuz**)କୁ ଅବରୋଧ କରିବାର ଧମକ ଦେବା ସହ ବାସ୍ତବ କ୍ଷେତ୍ରରେ ସେଠାରେ ଏକ ଭୟର ବାତାବରଣ ସୃଷ୍ଟି କରିଛନ୍ତି । ଏହି ଘଟଣା କେବଳ ଦୁଇ କିମ୍ବା ତିନୋଟି ଦେଶ ମଧ୍ୟରେ ସୀମିତ ଯୁଦ୍ଧ ନୁହେଁ, ବରଂ ଏହା ବିଶ୍ୱ ଅର୍ଥନୀତିର 'ଧମନୀ' ଉପରେ ଏକ ପ୍ରଚଣ୍ଡ ଆଘାତ, ଯାହାର ସୁଦୂରପ୍ରସାରୀ ପ୍ରଭାବ ଆଗାମୀ ଦଶନ୍ଧି ପର୍ଯ୍ୟନ୍ତ ଅନୁଭୂତ ହେବାର ଆଶଙ୍କା ରହିଛି ।

ଏହି ସଙ୍କଟର ଗମ୍ଭୀରତାକୁ ବୁଝିବା ପାଇଁ ହରମୁଜ ପ୍ରଣାଳୀର ଭୌଗୋଳିକ ଏବଂ ଆର୍ଥିକ ଗୁରୁତ୍ୱକୁ ଚିକିନିଖି ବିଶ୍ଳେଷଣ କରିବା ଏକାନ୍ତ ଆବଶ୍ୟକ । ପାରସ୍ୟ ଉପସାଗର ଏବଂ ଓମାନ ଉପସାଗରକୁ ସଂଯୋଗ କରୁଥିବା ଏହି ସଂକୀର୍ଣ୍ଣ ଜଳପଥର ସବୁଠାରୁ କମ୍ ଓସାର ମାତ୍ର ୨୧ ମାଇଲ୍ ବା ୩୪ କିଲୋମିଟର, କିନ୍ତୁ ବଡ଼ ବଡ଼ ତୈଳ ବାହୀ ଜାହାଜ ଚଳାଚଳ ପାଇଁ ଉଦ୍ଦିଷ୍ଟ 'ସିପିଂ ଲେନ୍'ର ଓସାର ଉଭୟ ଦିଗରେ ମାତ୍ର ଦୁଇ ମାଇଲ୍ ଲେଖାଏଁ ରହିଛି । ଏହି ସଂକୀର୍ଣ୍ଣତା ହିଁ ଇରାନକୁ ଏକ ପ୍ରାକୃତିକ ରଣନୈତିକ ସୁବିଧା ପ୍ରଦାନ କରେ । ଆମେରିକାର ଏନର୍ଜି ଇନଫରମେସନ୍ ଆଡମିନିଷ୍ଟ୍ରେସନ୍ (**EIA**) ଏବଂ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (**IEA**)ର ସଦ୍ୟତମ ତଥ୍ୟ ଅନୁଯାୟୀ, ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ୨୧ ଶତାଂଶ ଏବଂ ସମୁଦ୍ର ପଥରେ ପରିବହନ ହେଉଥିବା ମୋଟ ଅଶୋଧିତ ତୈଳର ଏକ-ତୃତୀୟାଂଶ ଭାଗ ଏହି ଏକମାତ୍ର ରାସ୍ତା ଦେଇ ଯାଇଥାଏ । ଦୈନିକ ପ୍ରାୟ ୨୧ ନିୟୁତ ବ୍ୟାରେଲ୍ ତୈଳ ଏବଂ ପେଟ୍ରୋଲିୟମଜାତ ଦ୍ରବ୍ୟର ପରିବହନ ଏହି ପଥ ଉପରେ ନିର୍ଭରଶୀଳ । କେବଳ ତୈଳ ନୁହେଁ, ବିଶ୍ୱର ତରଳୀକୃତ ପ୍ରାକୃତିକ ଗ୍ୟାସ (**LNG**) ବାଣିଜ୍ୟର ପ୍ରାୟ ୨୦ ଶତାଂଶରୁ ଅଧିକ, ବିଶେଷକରି କାତାରରୁ ରପ୍ତାନି ହେଉଥିବା ଗ୍ୟାସ ପାଇଁ ଏହା ଏକମାତ୍ର ଲାଇଫ୍ ଲାଇନ୍ । ତେଣୁ, ହରମୁଜ ପ୍ରଣାଳୀ ବନ୍ଦ ହେବା ଅର୍ଥ ବିଶ୍ୱ ଶକ୍ତି ବଜାରର ହୃତ୍ସ୍ପନ୍ଦନ ବନ୍ଦ ହୋଇଯିବା ସହ ସମାନ ।

ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ଏବଂ ଇରାନର ପ୍ରତିକ୍ରିୟା ବିଶ୍ୱ ବଜାରରେ ଏକ ଅଭୂତପୂର୍ବ ଅନିଶ୍ଚିତତା ସୃଷ୍ଟି କରିଛି । ଯଦିଓ ଇରାନ ଆନୁଷ୍ଠାନିକ ଭାବେ ପ୍ରଣାଳୀକୁ ସମ୍ପୂର୍ଣ୍ଣ 'ସିଲ୍' କରିବାର ଘୋଷଣା କରିନାହିଁ, କିନ୍ତୁ ବାସ୍ତବ ଚିତ୍ର ହେଉଛି ଯେ ଯୁଦ୍ଧର ଭୟାବହତା ଯୋଗୁଁ ଏଠାରେ ଏକ 'ଅଘୋଷିତ ଅବରୋଧ' (**De facto blockade**) ପରିସ୍ଥିତି ସୃଷ୍ଟି ହୋଇଛି । ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (**IRGC**) ଦ୍ୱାରା ସମୁଦ୍ରରେ ମାଇନ୍ ବିଛାଇବା ଏବଂ ଦ୍ରୁତଗାମୀ ଆକ୍ରମଣକାରୀ ଡଙ୍ଗାର ପଇଁତରା ମାରିବା ଖବର ଆସିବା ପରେ ଅନ୍ତର୍ଜାତୀୟ ସିପିଂ କମ୍ପାନୀଗୁଡ଼ିକ ଆତଙ୍କିତ ହୋଇପଡ଼ିଛନ୍ତି । ଏହାର ସିଧାସଳଖ ପ୍ରଭାବ ତୈଳ ଦର ଉପରେ ପଡ଼ିଛି । ଯୁଦ୍ଧ ପୂର୍ବରୁ ଯେଉଁ ବ୍ରେଣ୍ଟ କ୍ରୁଡ୍ (**Brent Crude**) ବ୍ୟାରେଲ୍ ପିଛା ୭୨-୭୫ ଡଲାର ମଧ୍ୟରେ କାରବାର କରୁଥିଲା, ତାହା ମାତ୍ର ୪୮ ଘଣ୍ଟା ମଧ୍ୟରେ ବୃଦ୍ଧି ପାଇ ୮୫ ଡଲାର ଅତିକ୍ରମ କରିସାରିଛି ଏବଂ ବଜାର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଯଦି ଏହି ଉତ୍ତେଜନା ଆଉ କିଛି ଦିନ ଲାଗିରହେ, ତେବେ ତୈଳ ଦର ୧୦୦ ଡଲାର ଛୁଇଁବା ନିଶ୍ଚିତ । କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଯଦି ପ୍ରଣାଳୀ ଦୀର୍ଘ ସମୟ ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହେ, ତେବେ ଏହା ଐତିହାସିକ ଉଚ୍ଚସ୍ତରକୁ ଯାଇପାରେ, କିନ୍ତୁ ବର୍ତ୍ତମାନର ୮୫-୯୦ ଡଲାରର ମୂଲ୍ୟ ବୃଦ୍ଧି ମଧ୍ୟ ବିଶ୍ୱ ଅର୍ଥନୀତି ପାଇଁ ଏକ ଶକ୍ତ ଧକ୍କା ।

ଏହି ସଙ୍କଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ବୀମା' ବା ଇନସୁରାନ୍ସ କ୍ଷେତ୍ରର ଭୂମିକା । ଯୁଦ୍ଧ କ୍ଷେତ୍ର ଦେଇ ଯାଉଥିବା ଜାହାଜଗୁଡ଼ିକ ପାଇଁ 'ୱାର୍ ରିସ୍କ ପ୍ରିମିୟମ୍' (**War Risk Premium**) ଅତ୍ୟଧିକ ବୃଦ୍ଧି ପାଇଛି । ସାଧାରଣ ସମୟରେ ଯେଉଁ ବୀମା ଖର୍ଚ୍ଚ ନଗଣ୍ୟ ଥିଲା, ତାହା ଏବେ ଜାହାଜର ମୋଟ ମୂଲ୍ୟର ଏକ ବଡ଼ ଅଂଶରେ ପରିଣତ ହୋଇଛି । ଫଳସ୍ୱରୂପ, ଅନେକ ତୈଳ ପରିବହନକାରୀ ସଂସ୍ଥା ନିଜ ଜାହାଜକୁ ପାରସ୍ୟ ଉପସାଗରକୁ ପଠାଇବାକୁ ମନା କରିଦେଇଛନ୍ତି । ଆମେରିକା ଦାବି କରୁଛି ଯେ ସେମାନଙ୍କ ନୌସେନା ବାଣିଜ୍ୟ ପଥକୁ ସୁରକ୍ଷିତ ରଖିବ, କିନ୍ତୁ ବାସ୍ତବରେ ଏକ ଟ୍ୟାଙ୍କର ମାଲିକ ପାଇଁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣର ଭୟ ସବୁବେଳେ ରହିଛି । ଇରାନର 'ଅସମମିତ ଯୁଦ୍ଧ' (**Asymmetric Warfare**) ରଣନୀତି—ଯେଉଁଥିରେ ସେମାନେ ଛୋଟ ଛୋଟ ଡଙ୍ଗା ଏବଂ କମ୍ ଖର୍ଚ୍ଚର ଡ୍ରୋନ୍ ବ୍ୟବହାର କରି ବିଶାଳ ଜାହାଜଗୁଡ଼ିକୁ କ୍ଷତି ପହଞ୍ଚାଇ ପାରନ୍ତି—ତାହା ଆମେରିକାର ଅତ୍ୟାଧୁନିକ ଯୁଦ୍ଧପୋତ ପାଇଁ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ । ସମୁଦ୍ର ଭିତରେ ବିଛା ଯାଇଥିବା ମାଇନ୍‌ଗୁଡ଼ିକୁ ସଫା କରିବା ପାଇଁ ସପ୍ତାହ ସପ୍ତାହ ସମୟ ଲାଗିପାରେ, ଏବଂ ସେ ପର୍ଯ୍ୟନ୍ତ ବିଶ୍ୱକୁ ଶକ୍ତି ସଙ୍କଟର ସାମ୍ନା କରିବାକୁ ପଡ଼ିବ ।

ଭାରତ ପାଇଁ ଏହି ଘଟଣାବଳୀ ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହାର ପ୍ରଭାବ ବହୁମୁଖୀ । ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା ରାଷ୍ଟ୍ର ଭାବେ ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ଶତାଂଶ ତୈଳ ଆମଦାନୀ କରିଥାଏ ଏବଂ ଏହାର ପ୍ରାୟ ୬୦ ଭାଗ କେବଳ ପାରସ୍ୟ ଉପସାଗରୀୟ ଦେଶ ଯଥା— ଇରାକ, ସାଉଦି ଆରବ ଏବଂ ୟୁଏଇରୁ ଆସିଥାଏ । ହରମୁଜ ପ୍ରଣାଳୀରେ ବାଧା ସୃଷ୍ଟି ହେବା ମାନେ ଭାରତର ଶକ୍ତି ନିରାପତ୍ତା ବିପନ୍ନ ହେବା । ପ୍ରଥମତଃ, ତୈଳ ଦର ବୃଦ୍ଧି ଯୋଗୁଁ ଭାରତର ଆମଦାନୀ ବିଲ୍ (**Import Bill**) ଅତ୍ୟଧିକ ବଢ଼ିଯିବ, ଯାହା ଦେଶର ବାଣିଜ୍ୟ ନିଅଣ୍ଟ (**Trade Deficit**) କୁ ବୃଦ୍ଧି କରିବ । ଏହା ଫଳରେ ଭାରତୀୟ ମୁଦ୍ରା 'ଟଙ୍କା' ଉପରେ ଚାପ ପଡ଼ିବ ଏବଂ ଡଲାର ତୁଳନାରେ ଏହାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି । ଟଙ୍କାର ମୂଲ୍ୟ ହ୍ରାସ ପାଇଲେ କେବଳ ତୈଳ ନୁହେଁ, ଅନ୍ୟାନ୍ୟ ଆମଦାନୀ ସାମଗ୍ରୀ ମଧ୍ୟ ମହଙ୍ଗା ହେବ, ଯାହା ଦେଶ ଭିତରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧିର କାରଣ ସାଜିବ । ଦ୍ୱିତୀୟତଃ, ଏହି ସଙ୍କଟର ପ୍ରଭାବ ଭାରତର ସାଧାରଣ ଜନତାଙ୍କ ପକେଟ୍ ଉପରେ ସିଧାସଳଖ ପଡ଼ିବ । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଲେ ପରିବହନ ଖର୍ଚ୍ଚ ବଢ଼ିବ, ଯାହା ଫଳରେ ପନିପରିବା, କ୍ଷୀର ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହେବ । ଭାରତର କୃଷି କ୍ଷେତ୍ର, ଯାହା ଜଳସେଚନ ଏବଂ ଟ୍ରାକ୍ଟର ପାଇଁ ଡିଜେଲ ଉପରେ ନିର୍ଭରଶୀଳ, ତାହା ଗୁରୁତର ଭାବେ ପ୍ରଭାବିତ ହେବ । ଏହାଛଡ଼ା, ସାର ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ପ୍ରାକୃତିକ ଗ୍ୟାସର ମୂଲ୍ୟ ବୃଦ୍ଧି କୃଷକମାନଙ୍କ ଉତ୍ପାଦନ ଖର୍ଚ୍ଚ ବଢ଼ାଇଦେବ । ତୃତୀୟତଃ, ଭାରତର ରପ୍ତାନି ବାଣିଜ୍ୟ ମଧ୍ୟ ବାଧାପ୍ରାପ୍ତ ହେବ । ରିପୋର୍ଟ ଅନୁଯାୟୀ, ପଶ୍ଚିମ ଏସିଆ ଏବଂ ୟୁରୋପକୁ ଯାଉଥିବା ଭାରତୀୟ ସାମଗ୍ରୀର ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି ଏବଂ ଅନେକ ରପ୍ତାନିକାରୀ କଣ୍ଟେନର ଅଭାବର ସମ୍ମୁଖୀନ ହେଉଛନ୍ତି । ଏହା ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର (**GDP Growth**)କୁ ମନ୍ଥର କରିଦେଇପାରେ ।

ଭୂ-ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ଏହି ଯୁଦ୍ଧ ବିଶ୍ୱକୁ ପୁଣିଥରେ ଦୁଇଟି ମହାଶକ୍ତି ଗୋଷ୍ଠୀରେ ବିଭକ୍ତ କରିବାର ଆଶଙ୍କା ସୃଷ୍ଟି କରିଛି । ଚୀନ୍, ଯାହା ମଧ୍ୟପ୍ରାଚ୍ୟ ତୈଳର ସବୁଠାରୁ ବଡ଼ ଗ୍ରାହକ, ଏହି ଘଟଣାରେ ନିରବ ଦ୍ରଷ୍ଟା ହୋଇ ରହିବ ନାହିଁ । ଚୀନ୍ ନିଜର ଶକ୍ତି ସୁରକ୍ଷା ପାଇଁ ଇରାନକୁ ପରୋକ୍ଷ ସମର୍ଥନ ଦେଇପାରେ, ଯାହା ଆମେରିକା ସହିତ ତାର ସମ୍ପର୍କକୁ ଆହୁରି ତିକ୍ତ କରିବ । ଅନ୍ୟପକ୍ଷରେ, ଋଷ ଏହି ପରିସ୍ଥିତିରୁ ଲାଭବାନ ହୋଇପାରେ, କାରଣ ତୈଳ ଦର ବୃଦ୍ଧି ଋଷର ଅର୍ଥନୀତିକୁ ସୁଦୃଢ଼ କରିବ ଏବଂ ପାଶ୍ଚାତ୍ୟ କଟକଣାର ପ୍ରଭାବକୁ କମ୍ କରିବ । କିନ୍ତୁ ୟୁରୋପୀୟ ଦେଶଗୁଡ଼ିକ, ଯେଉଁମାନେ ପୂର୍ବରୁ ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଶକ୍ତି ସଙ୍କଟ ଦେଇ ଗତି କରୁଛନ୍ତି, ସେମାନଙ୍କ ପାଇଁ ହରମୁଜ ପ୍ରଣାଳୀର ଅବରୋଧ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହେବ । ବିଶ୍ୱ ଅର୍ଥନୀତି ଯାହା କୋଭିଡ୍ ପରବର୍ତ୍ତୀ ସମୟରେ ଧୀରେ ଧୀରେ ସୁଧୁରୁଥିଲା, ତାହା ପୁଣିଥରେ ମାନ୍ଦାବସ୍ଥା (**Recession**) ଆଡ଼କୁ ମୁହାଁଇବାର ଭୟ ସୃଷ୍ଟି ହୋଇଛି ।

ଏହି ଜଟିଳ ପରିସ୍ଥିତିରୁ ମୁକୁଳିବାର ରାସ୍ତା କ'ଣ? ଇତିହାସ ସାକ୍ଷୀ ଅଛି ଯେ ମଧ୍ୟପ୍ରାଚ୍ୟରେ ସାମରିକ ହସ୍ତକ୍ଷେପ କେବେବି ସ୍ଥାୟୀ ଶାନ୍ତି ଆଣିପାରି ନାହିଁ । ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ହୁଏତ ଇରାନର କିଛି ସାମରିକ କ୍ଷମତାକୁ ନଷ୍ଟ କରିପାରେ, କିନ୍ତୁ ଏହା ଇରାନର ମନୋବଳକୁ ଭାଙ୍ଗିବା ପରିବର୍ତ୍ତେ ଅଧିକ ଉଗ୍ର କରିଛି । ବର୍ତ୍ତମାନର ଆବଶ୍ୟକତା ହେଉଛି ତୁରନ୍ତ ଯୁଦ୍ଧବିରତି ଏବଂ କୂଟନୈତିକ ଆଲୋଚନା । ମିଳିତ ଜାତିସଂଘ ଏବଂ ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ରମାନେ ଏକାଠି ହୋଇ ଉଭୟ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ବାଧ୍ୟ କରିବା ଉଚିତ୍ । ଭାରତ ଭଳି ଦେଶ, ଯାହାର ଉଭୟ ପକ୍ଷ ସହିତ ଉତ୍ତମ ସମ୍ପର୍କ ରହିଛି, ଏ କ୍ଷେତ୍ରରେ ଏକ ସକ୍ରିୟ ମଧ୍ୟସ୍ଥର ଭୂମିକା ଗ୍ରହଣ କରିବା ଆବଶ୍ୟକ ।

ପରିଶେଷରେ, ହରମୁଜ ପ୍ରଣାଳୀର ସଙ୍କଟ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଉଛି । ବିଶ୍ୱୀକରଣ ଯୁଗରେ ଆମେ ପରସ୍ପର ସହିତ ଏତେ ନିବିଡ଼ ଭାବେ ଜଡ଼ିତ ଯେ ପୃଥିବୀର କୌଣସି ଏକ କୋଣରେ ଘଟୁଥିବା ଘଟଣା ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରେ । ଏହା ମଧ୍ୟ ସୂଚାଉଛି ଯେ ଶକ୍ତି ନିରାପତ୍ତା ପାଇଁ କେବଳ ଗୋଟିଏ ଅଞ୍ଚଳ ବା ଗୋଟିଏ ଇନ୍ଧନ ଉତ୍ସ ଉପରେ ନିର୍ଭର କରିବା କେତେ ବିପଜ୍ଜନକ । ଭବିଷ୍ୟତରେ ଏଭଳି ସଙ୍କଟରୁ ରକ୍ଷା ପାଇବା ପାଇଁ ଭାରତ ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ନବୀକରଣଯୋଗ୍ୟ ଶକ୍ତି (**Renewable Energy**) ଏବଂ ବିକଳ୍ପ ଇନ୍ଧନ ଉତ୍ସ ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେବାକୁ ପଡ଼ିବ । କିନ୍ତୁ ବର୍ତ୍ତମାନ ପାଇଁ, ଯୁଦ୍ଧର ନିଆଁକୁ ଲିଭାଇବା ଏବଂ ହରମୁଜ ପ୍ରଣାଳୀକୁ ମୁକ୍ତ କରିବା ବିଶ୍ୱ ସମୁଦାୟର ପ୍ରାଥମିକତା ହେବା ଉଚିତ୍ ।

# ସମାଜବାଦ: ଯିଏ ଯେମିତି ଆପଣେଇଲା



## ଗୋପାଳ ମହାପାତ୍ର

ଦେଶରେ ଗାନ୍ଧୀଙ୍କୁ ନେଇ ଅନେକ ଚର୍ଚ୍ଚା ଚାଲିଛି । ସେହିପରି ସମାଜବାଦ ପ୍ରସଙ୍ଗରେ ମଧ ମତ ଭିନ୍ନଭିନ୍ନ ରହିଛି । ଗାନ୍ଧୀ ଏବଂ ସମାଜବାଦ ଏମିତି ଦୁଇଟି ପ୍ରସଙ୍ଗ ଯାହାକୁ ସବୁ ରାଜନୈତିକ ଦଳ କାମରେ ନ ହେଲେବି କଥାରେ କଥାରେ ଆପଣେଇଥାନ୍ତି । କିନ୍ତୁ ବାସ୍ତବିକତା ଏମିତି ଯେମିତି ଗାନ୍ଧୀଙ୍କ ଚିତ୍ର ଥିବା ନୋଟ (ଟଙ୍କା)ର ଶକ୍ତି ସବୁଠାରୁ ଅଧିକ ବା ଏଥିରେ ସବୁକାମ ହୋଇଥାଏ ଠିକ୍ ସେମିତି ସମାଜବାଦ ନାମରେ ରାଜନୀତି ଚାଲେ।ଗାନ୍ଧୀ ଓ ତାଙ୍କ ବିଚାରଧାରାକୁ ମାନନ୍ତୁ ବା ନମାନନ୍ତୁ ରାଜନୈତିକ ଦଳ ମାନେ ଗାନ୍ଧୀ ମୂର୍ତ୍ତୀକୁ ରଖିବାକୁ ବାଧ । ସମାଜବାଦର ଅବସ୍ଥା ମଧ ଠିକ୍ ଏହିଭଳି । ଗୀତା ଛୁଇଁ ଶପଥ କରି ମଧ ଲୋକେ ମିଛ କହିଥାନ୍ତି ଓ ମିଛ କହିବା ଲୋକଟି ଭାବିଥାଏ ଯେ ସେ ଯେହେତୁ ଗୀତା ଛୁଇଁ ଶପଥ କରିଛି ତେଣୁ ତାର ମିଛକଥାକୁ ସମସ୍ତେ ମାନିନେବେ । ସାଧାରଣତଃ ବ୍ୟବହାରରେ ମଧ ଏଭଳି ଘଟିଥାଏ । ମିଛ କହୁଥିବା ଲୋକେ ବାରମ୍ବାର ଶପଥ/ ରାଣନିୟମ ଖାଇଥାନ୍ତି । ଭାଷଣରେ ଲୋକଙ୍କ ଭରଷା ଜିତିବା ପାଇଁ ଭାଷଣ ଦେଉଥିବା ବ୍ୟକ୍ତି ମଧ ଶପଥ ନେଇଥାଏ । ଲୋକ ପରମ୍ପରାରେ ଶପଥ ବା ରାଣ ନିୟମର ଇଜ୍ଜତ ଏତେ ଥିଲା ଯେ ତୁଳସୀ ଦାସ ଲେଖିଥିଲେ – "ପ୍ରାଣଯାଏ ପର ବଚନ ନ ଜାଇ ।" ନିର୍ବାଚନରେ ରାଜନୈତିକ ଦଳ ମାନଙ୍କର ଘୋଷଣା ପତ୍ର ମଧ ଏହି ଭଳି ସଂକଳ୍ପ ସହ ଜାରି କରାଯାଇଥାଏ । କିନ୍ତୁ ଲାଜ ଯେତେବେଳେ ନିଜେ ଲାଜକରେ ସେତେବେଳେ ଶପଥର ମୂଲ୍ୟ କ'ଣ ? ତଥାପି ମଧ ଗାନ୍ଧୀ ଏବଂ ସମାଜବାଦର କଥା କହିବା ଜାରି ରହିଛି ।

ଯେତେବେଳେ କୌଣସି ମନ୍ତ୍ରୀ ନିଯୁକ୍ତ ହୁଅନ୍ତି ସେତେବେଳେ ସେ ନିଷ୍ଠାପୂର୍ବକ ସମ୍ବିଧାନର ପାଳନ କରିବା ପାଇଁ ଶପଥ ନେଇଥାନ୍ତି । ସମ୍ବିଧାନରେ ସମାଜବାଦୀ ଶବ୍ଦ ରହିଛି – ଲୋକତାନ୍ତ୍ରିକ ସମାଜବାଦୀ ଗଣରାଜ୍ୟ । ସମ୍ବିଧାନ ପ୍ରସ୍ତୁତି ବେଳେ ବାବା ସାହେବ ଆମ୍ବେଦକର ସମାଜବାଦ ଶବ୍ଦକୁ ଭୁଲିଯାଇଥିଲେ କିମ୍ବା ସମାଜବାଦ ଶବ୍ଦର ଆଗାମୀ ଦିନରେ ସମ୍ମାନହାନୀ ହେବ ବୋଲି ଆଶଙ୍କା କରି ଏହି ଶବ୍ଦକୁ ଯୋଡି ନଥିଲେ । ଏ ଦୁଇଟି ମଧ୍ୟରୁ କିଛି ବି ଠିକ୍ ହୋଇପାରେ । ଇନ୍ଦିରାଗାନ୍ଧୀ ୧୯୭୬ରେ ସମ୍ବିଧାନର ୪୨ ତମ ସଂଶୋଧନ କରି ଏହି ସମାଜବାଦ ଶବ୍ଦକୁ ସାମ୍ବିଧାନୀକ ଶବ୍ଦରେ ପରିଣତ କରିଦେଇଥିଲେ । ଗାନ୍ଧୀଙ୍କୁ କଂଗ୍ରେସ ପୈତୃକ ସମ୍ପତ୍ତି ବୋଲି ଭାବେ କିନ୍ତୁ ସମାଜବାଦକୁ ଅଣଦେଖା କରିଥାଏ । ଇତିହାସରୁ ସ୍ପଷ୍ଟ ଯେ ୧୯୩୪ରେ କଂଗ୍ରେସ ଭିତରେ ମଧ କଂଗ୍ରେସୀ ସମାଜବାଦୀ ଦଳର ସ୍ଥାପନା ହୋଇଥିଲା । ଏହାର ଆବଶ୍ୟକତା କ'ଣ ପାଇଁ ପଡିଥିଲା ସେ କଥା ମଧ ଜାଣିବାର ଆବଶ୍ୟକତା ରହିଛି । ସମାଜବାଦର ବିଲୋମ ହେଉଛି ବ୍ୟକ୍ତିବାଦ । କିନ୍ତୁ ବ୍ୟକ୍ତି ବଦଳରେ ସମାଜ ନିଷ୍ପତ୍ତି ନେବା ଉଚିତ । ଅର୍ଥାତ୍ ସମାଜର ଅନ୍ତିମ ଧାଡିର ବ୍ୟକ୍ତି ମଧ ନିଷ୍ପତ୍ତିରେ ଭାଗ ନେଇପାରିଲେ ତାହା ସମାଜବାଦ ।

ସମାଜବାଦର ଅବଧାରଣା ଗଣତନ୍ତ୍ର ଭଳି ବିଦେଶରୁ ହିଁ ଆସିଛି । କଂଗ୍ରେସର ୧୯୩୦-୧୯୩୩ର ଆନ୍ଦୋଳନର ବିଫଳତା ପରେ କଂଗ୍ରେସ ଭିତରେ "ଗାନ୍ଧୀ-ନେହେରୁ" କଥିତ ବ୍ୟକ୍ତିବାଦ କାରଣରୁ ଅସନ୍ତୁଷ୍ଟ ନେତା ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ରଦେବ, ରାମମନୋହର ଲୋହିଆ, ମୀନୁ ମସାନୀ, କମଳା ଦେବୀ ଚଟୋପାଧାୟ, ଅଚ୍ୟୁତ ପଟ୍ଟବର୍ଦ୍ଧନ ଓ ଅଶୋକ ମେହେଟା ଆଦି ସମାଜବାଦର ରାସ୍ତା ଧରିଥିଲେ । ୧୯୪୮ରେ ବିଧିବଦ୍ଧ ଭାବେ ସମାଜବାଦୀ ଦଳ ଗଠିତ ହୋଇଥିଲା । ସେବେଠାରୁ ଅଦ୍ୟାବଧି ସମାଜବାଦୀ ଦଳ ଅନେକ ବାର ବିଖଣ୍ଡିତ ହୋଇ ନୂଆ ନୂଆ ରୂପରେ ଚାଲିଛି । ଗଣତନ୍ତ୍ର ଏବଂ ସମାଜବାଦ ପରସ୍ପରର ପରିପୂରକ । କିନ୍ତୁ ଏହା କେବଳ ସିଦ୍ଧାନ୍ତର କଥା ଏବଂ ସିଦ୍ଧାନ୍ତ କେବେ ବି ବ୍ୟବହାରିକ ସ୍ତରକୁ ଆସିପାରି ନାହିଁ । ସିଦ୍ଧାନ୍ତ ରାଜନୈତିକ ଦଳ ମାନଙ୍କ ପାଇଁ ଏକ ବାଧ୍ୟବାଧକତା ଏବଂ ଜରୁରୀ ଯେମିତି ନୋଟରେ ଗାନ୍ଧୀଙ୍କ ଫଟୋ । ରାଜନୈତିକ ଦଳମାନଙ୍କୁ ସ୍ୱେଚ୍ଛାଚାରିତାକୁ ଘୋଡାଇବା ପାଇଁ ସିଦ୍ଧାନ୍ତ ଭଳି ଭଲ ଖୋଳପା ଆଉ କ'ଣ ହୋଇପାରେ ।

ସାମ୍ୟବାଦୀ ନିଜକୁ ଆଦି ସମାଜବାଦୀ ବୋଲି ମାନି ଆସୁଛନ୍ତି ଏଣୁ ସମାଜବାଦ ଶବ୍ଦକୁ ବ୍ୟବହାର କରିବାର ଆବଶ୍ୟକତା ମଣୁ ନାହାନ୍ତି । କଂଗ୍ରେସ ଗାନ୍ଧୀବାଦ ଭିତରେ ସମାଜବାଦକୁ ଦେଖି ଆସିଛି । ଏଣୁ ଇନ୍ଦିରା ଗାନ୍ଧୀ ସମ୍ବିଧାନରେ ସମାଜବାଦ ଶବ୍ଦକୁ ଯୋଡି କଂଗ୍ରେସର ସିରାପ୍ରସିରାରେ ସମାଜବାଦ ରହିଛି ବୋଲି ସଙ୍କେତ ଦେଇଥିଲେ । ଏକଥା ମଧ ସତ୍ୟ ଯେ ୧୯୭୭ରେ ଇନ୍ଦିରାଗାନ୍ଧୀଙ୍କୁ ନିର୍ବାଚନରେ ହରାଇଥିବା ବ୍ୟକ୍ତି ସମାଜବାଦର ଗର୍ଭରୁ ଆସିଥିବା କଥା କହିଥିଲେ । ୧୯୭୭ରେ ଶାସନକୁ ଆସିବା ପରେ ପରସ୍ପର ମଧ୍ୟରେ ସମାଜବାଦକୁ ନେଇ ଲଢେଇ କରି ରାସ୍ତାକୁ ଆସିଯାଇଥିଲେ । ସେ ସମୟରେ କୃପାଳିନୀ, ଲୋହିଆ କି ନରେନ୍ଦ୍ରଦେବ ନଥିଲେ । ସେଇ ସମୟରୁ ଅଦ୍ୟାବଧି ସମାଜବାଦ କଥା କହି ଅନେକ ଦଳ ଗଢି ଉଠିଛି ଓ ବିଲୋପ ମଧ ହୋଇଛି । ଏସବୁ ପରେ ଏକ ଧ୍ରୁବସତ୍ୟ ସମସ୍ତେ ଜାଣନ୍ତି ଯେ ଶାସନ ଗାଦିକୁ ଆସିବା ପାଇଁ ସମାଜବାଦ ଠାରୁ ଶୀଘ୍ରଗାମୀ ଲଫ୍ଟ ଆଉ କିଛି ନାହିଁ ।

ଅଟଳବିହାରୀ ବାଜପେୟୀ ସମାଜବାଦର ମହିମାକୁ ଜାଣିପାରିଥିଲେ । ୧୯୮୦ରେ ଯେତେବେଳେ ଜନତାଦଳ ଭାଙ୍ଗିଗଲା ସେତେବେଳେ ଅଟଳଜୀ ଜନସଂଘକୁ ନୂଆ ରୂପରେ ଗାନ୍ଧୀବାଦୀ ସମାଜବାଦ ଚାଦରରେ ଘୋଡେଇ ଭାରତୀୟ ଜନତା ପାର୍ଟିର ରୂପ ଦେଇଥିଲେ । ଅଟଳଜୀଙ୍କ ଦୂରଦୃଷ୍ଟି ଭୁଲ ନଥିଲା ।

୮୦ ମସିହାରେ ୨ରୁ ଆରମ୍ଭ ହୋଇଥିବା ଭାରତୀୟ ଜନତା ପାର୍ଟି ଏବେ ଦେଶକୁ ଶାସନ କରୁଛି । ପୁଣି ସଂଖ୍ୟା ଗରିଷ୍ଠତା ହାସଲ କରି । ଏକଦା ସଂଘର ନିଷ୍ଠାପର ପୂର୍ଣ୍ଣକାଳୀକ ସ୍ୱୟଂସେବକ ଥିବା ନରେନ୍ଦ୍ରମୋଦୀଙ୍କ ଭାରତୀୟ ଜନତା ପାର୍ଟି ପାଖରେ ସବୁକିଛି ଅଛି- ଶାସନ, ଗାନ୍ଧୀ ଏବଂ ସମାଜବାଦ । ସମାଜବାଦକୁ ସମସ୍ତେ ନିଜ ନିଜ ଅନୁସାରେ ବ୍ୟାଖ୍ୟା କରୁଛନ୍ତି । ବ୍ରିଟିଶ ରାଜନୀତି ବିଶାରଦ ହୋରାଲଡ୍ ଲାସଙ୍କି କହିଥିଲେ "ସମାଜବାଦ ହେଉଛି ଏମିତି ଟୋପି ଯାହାକୁ କେହିବି ତାର ନିଜ ଅନୁସାରେ ପିନ୍ଧି ପାରିବ ।" ଏଣୁ ସମାଜବାଦ ଓ ଗାନ୍ଧୀଙ୍କୁ ଯିଏ ଯେମିତି ପାରିଲା ସେମିତି ଆପଣେଇ ପାରିବ ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଚନ୍ଦ୍ର ଗ୍ରହଣ : ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ



## ଅଧ୍ୟାପକ ରାଜେଶ୍ ରାୟ

ମହାକାଶରେ ଥିବା ଗ୍ରହ, ଉପଗ୍ରହ, ନକ୍ଷତ୍ର ଏବଂ ଅନ୍ୟାନ୍ୟ ଖଗୋଳୀୟ ପିଣ୍ଡ ମାନଙ୍କ ମଧ୍ୟରେ ବେଳେବେଳେ କିଛି ମହାଜାଗତିକ ଘଟଣା ଘଟେ ଯାହାକୁ ନେଇ ସଂଗଠିତ ହୁଏ ପୂର୍ଣ୍ଣିମା, ଅମାବାସ୍ୟା, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗ ଭଳି ମହାକାଶୀୟ ପ୍ରକ୍ରିୟା । ଅନେକ ସମୟରେ ଏହି ପ୍ରାକୃତିକ ଏବଂ ବିଜ୍ଞାନ ସିଦ୍ଧ ପ୍ରକ୍ରିୟାକୁ ନେଇ ବିଭିନ୍ନ ଦ୍ୱନ୍ଦ ଉପୁଜେ । ତନ୍ମଧ୍ୟରୁ ଚନ୍ଦ୍ର ଗ୍ରହଣକୁ ନେଇ ବିବିଧ ବିଶ୍ୱାସ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ରହିଛି । ଏବେବି ସୂର୍ଯ୍ୟ ପରାଗ କିମ୍ବା ଚନ୍ଦ୍ର ଗ୍ରହଣ ହେଲେ ଲୋକେ ବିଶ୍ୱାସ କରନ୍ତି ଯେ ରାହୁ କେତୁ ରାକ୍ଷସ ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ଗ୍ରାସ କରୁଛନ୍ତି । ଏହାକୁ ନେଇ ପୌରାଣିକ କିମ୍ବଦନ୍ତୀଟିଏ ରହିଛି । ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ଅମୃତକୁ ଭଗବାନ୍ ବିଷ୍ଣୁ ଦେବତା ମାନଙ୍କ ମଧ୍ୟରେ ବାଣ୍ଟୁଥିବା ସମୟରେ କେତୁ ନାମକ ମାୟାବୀ ରାକ୍ଷସ ରୂପ ବଦଳାଇ ଆସି ଅମୃତର କିଛି ଅଂଶ ଗ୍ରହଣ କରି ନେଇଥିଲା କିନ୍ତୁ ତାର ପ୍ରକୃତ ପରିଚୟକୁ ସୂର୍ଯ୍ୟଦେବ ଏବଂ ଚନ୍ଦ୍ରଦେବ ଭଗବାନ୍ ବିଷ୍ଣୁଙ୍କୁ ଜଣାଇବାରୁ ସେ ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ର ପ୍ରୟୋଗ କରି ରାହୁର ଶରୀରକୁ ଦୁଇଖଣ୍ଡରେ ବିଭକ୍ତ କରିଥିଲେ ଯଥା ମୁଣ୍ଡ ଭାଗକୁ ରାହୁ ଏବଂ ଶରୀର ଅବଶିଷ୍ଟ ଅଂଶକୁ କେତୁ ବୋଲି କୁହାଗଲା । ସେହିଦିନ ଠାରୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉପରେ ପ୍ରତିଶୋଧ ନେବାପାଇଁ ରାହୁ କେତୁ ତାଙ୍କୁ ଗ୍ରାସ କରନ୍ତି ବୋଲି କୁହାଯାଏ କିନ୍ତୁ ଶରୀର ଅଲଗା ଥିବାରୁ କିଛି ସମୟ ପରେ ଛାଡ଼ି ଦିଅନ୍ତି ଯାହାକୁ ଲୋକ କଥାରେ 'ଗ୍ରହଣ ବା ପରାଗ ମୋକ୍ଷ ବୋଲି କୁହାଯାଏ' । ପୂର୍ବକାଳରେ ଚୀନ ଦେଶର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଚନ୍ଦ୍ରଗ୍ରହଣ ସମୟରେ ଡ୍ରାଗନ୍ ଭଳି ଏକ ବିଶାଳ ମହାକାଶୀୟ ପିଣ୍ଡ ଚନ୍ଦ୍ରଙ୍କୁ ଆକ୍ରମଣ କରୁଛି । ତେଣୁ ସେମାନେ ଏହାକୁ ଘଉଡ଼ାଇବା ପାଇଁ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ ଜୋରରେ ଶବ୍ଦ କରୁଥିଲେ । ଭିଏତନାମ, କୋରିଆ, ଓ ଆଫ୍ରିକୀୟ ଦେଶରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବିଶ୍ୱାସ କରନ୍ତି ଯେ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରଙ୍କୁ ଏକ ବିଶାଳ ବେଙ୍ଗ, କୁକୁର, ଓ ବାଦୁଡ଼ି ସଦୃଶ ମାୟାବୀ ରାକ୍ଷସ ଗ୍ରାସ କରୁଛି । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚନ୍ଦ୍ର ଗ୍ରହଣକୁ ନେଇ ଅନେକ ପରମ୍ପରା ପାଳନ କରାଯାଏ ଯେପରିକି ଖାଦ୍ୟ ରାନ୍ଧିବା ଏବଂ ରନ୍ଧା ଖାଦ୍ୟ ଖାଇବା ବାରଣ । ଗ୍ରହଣ କାଳରେ ରନ୍ଧା ଖାଦ୍ୟ ଗୁଡ଼ିକ ଅଶୁଦ୍ଧ ହୋଇଯାଏ ବୋଲି ଲୋକ ବିଶ୍ୱାସ ରହିଛି ତେଣୁ ସେଥିପାଇଁ ଘରେ ଥିବା ରନ୍ଧା ଖାଦ୍ୟ ଉପରେ ତୁଳସୀ ପତ୍ର ପକାଇ ତାକୁ ସୁରକ୍ଷିତ ରଖାଯାଏ । ପୁରାଣ ଶାସ୍ତ୍ରରେ ତୁଳସୀକୁ ପବିତ୍ର ବୃକ୍ଷର ମାନ୍ୟତା ମିଳିଥିବାରୁ ଏହି ପ୍ରଥା ପାଳନ କରାଯାଏ । ଗର୍ଭବତୀ ସ୍ତ୍ରୀ ଲୋକମାନଙ୍କୁ ଗ୍ରହଣ ସମୟରେ ବାହାରକୁ ଯିବା ବାରଣ ଥାଏ ଏବଂ ଏହି ନିୟମ ଭାଙ୍ଗିଲେ ଗର୍ଭସ୍ଥ ପିଲାଟି ଗ୍ରହଣ ଖଣ୍ଡିଆ ବା ବିକଳାଙ୍ଗ ହୋଇ ଜନ୍ମନିଏ ବୋଲି ବିଶ୍ୱାସ ରହିଛି । ସେହିପରି ଗ୍ରହଣ କାଳରେ ମନ୍ଦିର ଦେବନୀତି ବନ୍ଦ ରହିବା ସହ କୌଣସିବି ମାଙ୍ଗଳିକ କାର୍ଯ୍ୟ କରାଯାଏ ନାହିଁ କାରଣ ବିଶ୍ୱାସ ରହିଛି ଯେ ଏହି ସମୟରେ ପୃଥିବୀ ପୃଷ୍ଠରେ ଏକ ନକାରାତ୍ମକ / ଆସୁରିକ ଶକ୍ତିର ପ୍ରାଦୁର୍ଭାବ ଥାଏ । ସେଥିପାଇଁ ଲୋକମାନେ ଜାଗ୍ରତ ରହି ଈଶ୍ୱରଙ୍କ ନାମଜପ ଏବଂ ମନ୍ତ୍ର ପାଠ କରନ୍ତି ଯାହାଦ୍ୱାରା ଶରୀର ଓ ମନ ପବିତ୍ର ରୁହେ । ଗ୍ରହଣ ଶେଷ ହେବାପରେ ଗାଧୋଇ ଶରୀରକୁ ଶୁଦ୍ଧ କରିବାର ବିଧି ମଧ୍ୟ ପାଳନ କରାଯାଏ । ଏହାଛଡ଼ା ଗ୍ରହଣ ସମୟରେ ରାଶି ଅନୁଯାୟୀ ଗ୍ରହଣ ଦର୍ଶନ ଓ ବାରଣ ପରମ୍ପରା ମଧ୍ୟ ଦେଖିବାକୁ ମିଳେ । ଖାଲି ଆଖିରେ ଗ୍ରହଣ ଦର୍ଶନ ନକରିବା ପାଇଁ କୁହାଯାଏ । ଏହିସବୁ ନୀତି ନିୟମର କୌଣସିବି ବୈଜ୍ଞାନିକ ପ୍ରମାଣ ନାହିଁ । କେତୋଟି ପ୍ରଥାକୁ ବିଜ୍ଞାନ ଦୃଷ୍ଟିରେ ଦେଖିଲେ ଗ୍ରହଣ ବା ପରାଗ ସମୟରେ ଯେହେତୁ ସୂର୍ଯ୍ୟାଲୋକର ଉର୍ଜା କମିଯାଏ ତେଣୁ ବିଭିନ୍ନ ଅଣୁଜୀବ ଗୁଡ଼ିକ ଏକ ଅନୁକୂଳ



ପରିବେଶ ପାଇ ରନ୍ଧା ଖାଦ୍ୟକୁ ଶୀଘ୍ର ନଷ୍ଟ କରିଦିଅନ୍ତି । ସେଥିପାଇଁ ଗ୍ରହଣ ସମୟରେ ରନ୍ଧା ଖାଦ୍ୟ ସେବନକୁ ବାରଣ କରାଯାଇଛି । ତେବେ ଚନ୍ଦ୍ର ଗ୍ରହଣର ପ୍ରାକୃତିକ ବୈଜ୍ଞାନିକ କାରଣକୁ ଅବଲୋକନ କଲେ ଆମେ ଜାଣିପାରିବା ଯେ ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ଯଦି ପୃଥିବୀ ଗୋଟିଏ ସରଳରେଖାରେ ଅବସ୍ଥାନ କରନ୍ତି ତେବେ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼େ ଯାହାକି ଦୁଇ ପ୍ରକାର ଯଥା ଭିତର ଭାଗରେ ଥିବା ଗାଢ଼ ଛାୟାକୁ ଅମ୍ବ୍ରା ଏବଂ ବାହାରେ ଥିବା ହାଲୁକା ଛାୟାକୁ ପେନମ୍ବ୍ରା ବୋଲି କୁହାଯାଏ । ତେଣୁ ବାସ୍ତବରେ ଏହା ହେଉଛି ମହାକାଶରେ ଘଟୁଥିବା ଛାଇ ଆଲୁଅର ଖେଳ । ଚନ୍ଦ୍ରଗ୍ରହଣ ମୁଖ୍ୟତଃ ଦୁଇ ପ୍ରକାରରେ ସଂଗଠିତ ହୁଏ ଯଥା ଆଂଶିକ ଚନ୍ଦ୍ରଗ୍ରହଣ ଏବଂ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ । ବେଳେବେଳେ ଗାଢ଼ ଲୋହିତ , ଗାଢ଼ ନୀଳ ବର୍ଣ୍ଣର ଚନ୍ଦ୍ର ମଧ୍ୟ ଗ୍ରହଣ ସମୟରେ ଦେଖିବାକୁ ମିଳେ । ଏହାର ବୈଜ୍ଞାନିକ କାରଣ ହେଉଛି ସୂର୍ଯ୍ୟାଲୋକରେ ଥିବା ଲାଲ ଏବଂ ନୀଳ ଆଲୋକର ବିଚ୍ଛୁରଣ ପ୍ରକ୍ରିୟା । ତେବେ ଗ୍ରହଣ ସମୟରେ ପାଳନ ହେଉଥିବା ନୀତି ନିୟମକୁ ଆମେ କିପରି ଗ୍ରହଣ କରିବା ତାହା ଆମ ଚେତନା ଉପରେ ନିର୍ଭର କରେ । ବର୍ତ୍ତମାନ ସମୟରେ ବିଜ୍ଞାନର ଦ୍ରୁତ ବିକାଶ ହେବା ଫଳରେ ଅନେକ ଅନ୍ଧ ବିଶ୍ୱାସ ଉପରୁ ପରଦା ଉଠିଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ପାରମ୍ପରିକ ନୀତି ବିଜ୍ଞାନ ପ୍ରମାଣିତ ତଥା ଆମପାଇଁ କଲ୍ୟାଣଯୁକ୍ତ ତାହାକୁ ଆମେ ଗ୍ରହଣ କରିବା ଉଚିତ୍ ।

ବିଦ୍ୱାନ୍ ମହାବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋ: ୬୩୭୧୫୫୫୯୪୦




## ଡେଲିଭରି ବୟ

### ସୁମିତ୍ରା ସାହୁ

ପରିବାର ଜନ ଆତ୍ମୀୟ ସ୍ୱଜନ
ପ୍ରେମିକାର ସାଥି ହୋଇ
ସବୁ ଭୁଲିଯାଇ ସକାଳରୁ ରାତି
ପାର୍ସଲ ଯେ ବାଣ୍ଟୁଥାଇ ।

ପୂଜା ପର୍ବ ଆଉ ଓଷା ବାର ବ୍ରତେ
ପରିଶ୍ରମ ବଢ଼ିଯାଏ
ନିଜ ହସ ଖୁସି ଭୁଲିଯାଇ ପୁଣି
କର୍ତ୍ତବ୍ୟକୁ ଭଲପାଏ ।

ଖରା ବର୍ଷା ପୁଣି କାକରକୁ ସହି
ଗ୍ରାହକଙ୍କୁ ଖୁସି କରେ
ନିଜେ ଭୋକେ ରହି କେତେ କଷ୍ଟ ସହି
ସଭିଙ୍କର ପେଟ ଭରେ ।

ଗରିବ ଘରରେ ଜନ୍ମିଛନ୍ତି ବୋଲି
ଅଭାବ ଅଟଇ ସାଥି
ବାଧ ବାଧକରେ ଡେଲିଭରି କାର୍ଯ୍ୟ
କରୁଥାନ୍ତି ମଥା ପାତି ।

ନୂଆ ପୋଷାକଟେ ପିନ୍ଧିବା ଅଟଇ
ସାତ ସ୍ୱପ୍ନ ତାଙ୍କ ପାଇଁ
ଉପରେ ହସନ୍ତି ଭିତରେ କାନ୍ଦନ୍ତି
ପରିଚୟ ତାଙ୍କ ଏହି ।

+ଯାଜପୁର

## ରଙ୍ଗର ଉତ୍ସବ

### ଧ୍ରୁବ ଚରଣ ଘିବେଲା



ରଙ୍ଗର ମହତ୍ତ୍ୱ ରଙ୍ଗର ଗୁରୁତ୍ୱ
ରଙ୍ଗ ସବୁବେଳେ ଶୋହେ
ରଙ୍ଗ ଆକର୍ଷଣ ନାହିଁ ବିକର୍ଷଣ
ରଙ୍ଗର ଚମକ ମୋହେ ।
ଜୀବନର ରଙ୍ଗ ଜୀବନରେ ରଙ୍ଗ
କାହା ପାଇଁ ଥାଏ କେମିତି
ରଙ୍ଗର ଚମକ ଥାଏ ଆକର୍ଷକ
ରଙ୍ଗ ଆକର୍ଷକ ଅତି ।
ରଙ୍ଗ ସହ ଥାଇ ରଙ୍ଗ ପ୍ରିୟ ରହି
ରଙ୍ଗ ପ୍ରତି ଦୁର୍ବଳତା
ସବୁଜ ରଙ୍ଗରେ ହସେ ସବୁଜିମା
ସବୁଜରେ ସୁନ୍ଦରତା ।
ମାଟିଠୁ ଆକାଶ ସର୍ବତ୍ର ପ୍ରକାଶ
କେତେ ରଙ୍ଗ ପଟୁଆର
ରଙ୍ଗରେ ରଙ୍ଗୀନ ରଙ୍ଗ ଲୋଭନୀୟ
ସବୁଠି ଉତ୍ସବ ରଙ୍ଗର ।
ରଙ୍ଗ ବିନା କାହିଁ କେଉଁ ଦ୍ରବ୍ୟ ଥାଇ
ସବୁଠି ରଙ୍ଗର ଛାପ
ରଙ୍ଗହୀନ ହେଲେ ଜୀବନ ଅସାର
ଲାଗଇ ଜୀବନ ତୁଚ୍ଛ ।
ଯାହାର ଯୋ' ରଙ୍ଗ ପଛର କାରଣ
ତହିଁରେ ନିହିତ ଥାଏ
ମାଟି ପାଣି ଗଛ ବାଦଲ ଆକାଶ
ରଙ୍ଗ ଯେ ଅଲଗା ଥାଏ ।
ଯେଉଁଠି ଦେଖିବ ରଙ୍ଗର ଉତ୍ସବ
ସବୁଠି ରଙ୍ଗ ଚମକ
ଜଗା କାଳିଆଠି ଅପରୂବ କଳା
ରଙ୍ଗର ଥାଏ ମହକ ।
ମଣିଷର ରଙ୍ଗ ପଛେ ମେଲାନିନ
କାମ କରିଥାଏ ବୋଲି
କମ ଥିଲେ ଗୋରା ଅଧିକରେ କଳା
ରଙ୍ଗ ବର୍ଣ୍ଣ ହୁଏ ବାରି ।
ଧଳା ଅଟେ ସବୁ ରଙ୍ଗ ସମାହାର
ଦରବର ରଙ୍ଗ ତାହା
ସେ ଦ୍ରବ୍ୟ ଉପରେ ଆଲୋକ ପଡ଼ିଲେ
ପ୍ରତିଫଳନରେ ଯାହା ।
ଏତେ ବଡ଼ ଏଇ ଦୁନିଆ ଭିତରେ
ନାହିଁ କେ ରଙ୍ଗ ନ ଥାଇ
ରଙ୍ଗର ଉତ୍ସବ ରଙ୍ଗ ମହୋତ୍ସବ
ଅହରହ ଚାଲି ଥାଇ ।

+ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

# ହୋଲି... ହୋଲି...



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୩ ମାର୍ଚ୍ଚ ୨୦୨୬, ମଙ୍ଗଳବାର

## ପ୍ରେମ ଓ ଫଲ୍‌ଗୁ ଯାତ୍ରା : ଦୋଳଯାତ୍ରା

ଡ଼ଃ.ଅରୁନ୍ଧତୀ ଦେବୀ



ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ



ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରାଟି ପାଞ୍ଚଦିନ ପାଇଁ ପାଳିତ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ହୋଇଥାଏ । ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜିତ ହୋଇଥାଏ । ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ । ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି । ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି । ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି ।

ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ । ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି । ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖିଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ । ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ ।' ଦୋଳ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଲଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତାକର୍ଷକ । ପାଟପଟୁଆର, ରୋଷଣୀ, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି । ଓଡ଼ିଶାର ବିଭିନ୍ନ ମେଲଣ ଭିତରେ ଧର୍ମଶାଳର ମୁନସୀମେଲଣ, ପଞ୍ଚୁପାଣ୍ଡବ ସନ୍ନିକଟ ଓଳକଣା ମେଲଣ ଓ ଗ୍ରାମାଞ୍ଚଳରେ ବେଶ ଲୋକପ୍ରିୟ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଲଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନ ମୋହନଙ୍କୁ ନେଇ ବର୍ଷ ବର୍ଷ ଧରି ସ୍ୱର୍ଗତଃ ଡାକ୍ତର ବୈକୁଣ୍ଠନାଥ ଭୂୟାଁଙ୍କ ଆୟୋଜନରେ ପ୍ରତିବର୍ଷ ହୁଏ ଭୂୟାଁ ମେଲଣ । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ ।

ବର୍ଷ ବର୍ଷ ଧରି ଓଡ଼ିଶାରେ ଦୋଳଯାତ୍ରା ଓ ଫଗୁର ବିଶେଷତାକୁ ନେଇ ଜଣେ ବିଶିଷ୍ଟ କୃଷ୍ଣପ୍ରେମୀଙ୍କୁ ନେଇ ଗବେଷକ ଡକ୍ଟର ଆର.ଏଲ.ମିତ୍ର ତାଙ୍କ - "ଞଷର ଇଭଶ୍ୱସକ୍ତଙ୍କସଶ୍ୱସରଶ୍ବ କ୍ଟଲ ଙୟସଶ୍ବଷବ" ଲେଖିଛନ୍ତି 'ଞଷର କ୍ସରୟ କ୍ଟ୍ରକ୍ଟଙ୍ଗୟରକ୍ସ (ଇଭସକ୍ସ) ସଶ୍ବ କ୍ଷବକ୍ସଶରକ୍ଷଚ ଶ୍ୱଷକ୍ସକ୍ଟଙ୍ଗଭ କ୍ଟଭ ଶ୍ୱଷରଙ୍କ, ବଭୟ ରଙ୍ଗରକ୍ସଚ କ୍ଟଭର ସଭ ଶ୍ୱଷର ବଶ୍ବଶ୍ବରଙ୍କଭକ୍ଷରୟ ମକ୍ସକ୍ଟଙ୍ଗୟ ସଭୟଙ୍କକ୍ଷଶରଶ୍ବ ସଭ ଶ୍ୱଷକ୍ସକ୍ଟଙ୍ଗସଭଶ ଶ୍ୱଷର କ୍ଟ୍ରକ୍ଟଙ୍ଗୟରକ୍ସ କ୍ଟଭ କ୍ଷସଶ୍ବ ଭରସଶଷଭକ୍ଟଙ୍କକ୍ସଶ୍ବ. ଞଷର କ୍ଟଶ୍ୱଷରକ୍ସ କ୍ସସଶ୍ବଙ୍କବକ୍ଷଶ୍ବ କ୍ଟଲ ଶ୍ୱଷର ମରକ୍ସରଙ୍କକ୍ଟଭଚ ବକ୍ସର କ୍ଟଭଶ୍ବରକ୍ସଙ୍ଗରୟ ଭରଲକ୍ଟକ୍ସର ଔବଶବଭଭବଶ୍ୱଷବ ଐସଙ୍କଶ୍ବରକ୍ଷଲ ସଭ ଶ୍ୱଷର ଶ୍ବବଭମଶ୍ୱଙ୍କବକ୍ସକ୍ଟଚ' ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା । ଦୋଳ ଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିଠା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶ୍ରୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା ।

+ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## ରଙ୍ଗମୟ ଜୀବନ ଦୋଳ

ଅକ୍ଷୟ କୁମାର ରାଉତ





ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେଡ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।

ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତ୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

## ଶ୍ରୀମନ୍ଦିରରେ ଦୋଳ ପର୍ବ

କବୀର କୁମାର ଜେନା

ଫାଲଗୁନ୍ ଶୁକ୍ଳ ଦଶମୀ ତିଥି ଠାରୁ ସାଧାରଣତଃ ଓଡ଼ିଆ ଜନଜୀବନରେ ଦୋଳଯାତ୍ରା ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶରେ ଆରମ୍ଭ ହୋଇଥାଏ । ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ପ୍ରେମମୟ କୃଷ୍ଣ ଓ ରାଧାଙ୍କ ନିକଟରେ ଅଭିର ଅର୍ପଣ କରାଯାଇ ରାଧାକୃଷ୍ଣ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ଉତ୍ସବ ମୁଖରିତ ହୋଇଥାଏ । ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ସାଜସଜା ସହିତ ଘରେ ଘରେ ମହାପ୍ରଭୁ ପ୍ରସାଦ ପାଇଁ ବିଜେ କରିଥାନ୍ତି । ରଥଯାତ୍ରା ବେଳେ ଜଗତର ନାଥ ଜଗନ୍ନାଥ ନିଜ ସିଂହାସନରୁ ରାଜଦାଣ୍ଡକୁ ଯେଉଁପରି ଭାବରେ ଓହ୍ଲାଇ ଆସିଥାନ୍ତି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେବାପାଇଁ ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେଇ ସେମାନଙ୍କୁ କୃପା ପ୍ରଦାନ ପାଇଁ ଦୋଳ ଉତ୍ସବ ବେଳେ ଭକ୍ତମାନଙ୍କ ଘର ନିକଟକୁ ଯାଇଥାନ୍ତି ।

ପୁରୀ ଶ୍ରୀମନ୍ଦିରରେ ଫଗୁ ଦଶମୀର ସ୍ୱତନ୍ତ୍ର ରୀତିନୀତି ରହିଛି। ମାଘ ଶୁକ୍ଳ ପଞ୍ଚମୀ ଦିନ ମୁଦିରସ୍ତ ସେବକ ମହାପ୍ରଭୁଙ୍କ ନିକଟରେ ତିନି ବାଡ଼ରେ ଝିମିର ଫଗୁ ଅଞ୍ଜଳୀ କରନ୍ତି। ରତ୍ନ ସିଂହାସନ ଉପରେ ଫଗୁ ଚନ୍ଦନ ମୁଦ ପ୍ରସାଦ ଲାଗି କରନ୍ତି। ଶ୍ରୀ ମନ୍ଦିରରେ ରହିଥିବା ନୀତିକାନ୍ତି ଅନୁଯାୟୀ ଘଟୁଆରି ଦେଇଥିବା ଫଗୁ ଡ଼ବା ମୁଦିରସ୍ତ ତିନି ଠାକୁରଙ୍କ ପ୍ରଭା ଉପରକୁ ପକାଇଲା ପରେ ଫଗୁ ଖେଳ ଆରମ୍ଭ ହୋଇଥାଏ। ଫଗୁ ଦଶମୀ ପର ଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦୀକୁ ବିଜେ କରିଥାନ୍ତି। ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭଙ୍କ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି। ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳବେଦୀରେ ପହଞ୍ଚିବା ପରେ ଫଗୁ ଲାଗି ହୋଇଥାଏ। ଫଗୁ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ। ଦଶମୀ ଦିନ ମଇଲମ ହୋଇ ମହାପ୍ରଭୁ ନାଲି ଲୁଗା ପିନ୍ଧନ୍ତି। ପାଳିଆ ମେକାପ ଭଣ୍ଡାର ଘର ଠାରୁ ଚନ୍ଦନ ଆଣିଲେ ସର୍ବାଙ୍ଗରେ ଲାଗି କରାଇଥାନ୍ତି। ଚାଚେରୀ ବେଶ ନିମନ୍ତେ ଲକ୍ଷ୍ମୀ ଓ ସରସ୍ୱତୀ ଦକ୍ଷିଣୀ ଘରକୁ ବିଜେ କରନ୍ତି। ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥାନ୍ତି ଓ ସେଠାରେ ଭୋଗ ଓ ଜଉ ଡାବ ଖେଳ ବଢ଼ିଲା ପରେ ବାହୁଡ଼ା ବିଜେ ହୋଇଥାଏ। ଚୈତ୍ର ପୂର୍ଣ୍ଣିମା ସମୟରେ ଅନୁଷ୍ଠିତ ହୋଇଥାଏ ଶ୍ରୀକୃଷ୍ଣଙ୍କ ପୁଷ୍ପ ଦୋଳ ଉତ୍ସବ।



ଐତିହ୍ୟ ପରମ୍ପରାର ରାଷ୍ଟ୍ର ଭାରତରେ ବହୁ ପ୍ରାଚୀନ କାଳରୁ ହୋଲି ଓ ଦୋଳ ପର୍ବ ପାଳିତ ହୋଇ ଆସୁଛି। ଭଗବାନ କୃଷ୍ଣ ମଧ୍ୟ ଶ୍ରୀରାଧା ଓ ଗୋପୀଙ୍କ ସହ ରଙ୍ଗ ଖେଳୁଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ସେହିପରି ଫାଲଗୁନ ପୂର୍ଣ୍ଣମୀ ଦିନ ପାଳିତ ହେଉଥିବା ଦୋଳ ପର୍ବ ଓଡ଼ିଶାର ପରମ୍ପରା ଓ ଇତିହାସ ସହ ଅଙ୍ଗାଅଙ୍ଗି ଭାବେ ଜଡ଼ିତ। ଦୋଳପୂର୍ଣ୍ଣିମାର ପାଞ୍ଚ ଦିନ ପୂର୍ବରୁ ପଞ୍ଚୁ ଦୋଳ ଏବଂ ଦୋଳ ପୂର୍ଣ୍ଣିମା ପରେ ମଧ୍ୟ କେତେକ ସ୍ଥାନରେ ଏହି ପର୍ବ ପାଳିତ ହୋଇଥାଏ। ଦୋଳ ପର୍ବରେ ରାଧାଗୋବିନ୍ଦଙ୍କ ମେଲଣ ଅନୁଷ୍ଠିତ ହୋଇଥାଏ। ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ବିମାନରେ ବସାଯାଇ ବୁଲାଯାଇଥାଏ। ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଫାଲଗୁନ ଶୁକ୍ଳ ପକ୍ଷ ଦଶମୀ ଫଗୁ ଦଶମୀ ଭାବରେ ପ୍ରସିଦ୍ଧ। ଫଗୁ 'ଫଲଗୁ' ଶବ୍ଦର ଅପଭ୍ରଂଶ। ଫଲଗୁର ଅନ୍ୟ ପ୍ରତିଶବ୍ଦ ଅବିର। ସେହିପରି ଦୋଳ ଶବ୍ଦ ଦୋଳା ଶବ୍ଦର ଏକ ରୂପାନ୍ତର। ଓଡ଼ିଆରେ ଏହା ଦୋଳି। ତେଣୁ ଯେଉଁ ପର୍ବରେ ରାଧାକୃଷ୍ଣ ଦୋଳାରେ ବସି ଝୁଲନ୍ତି ତାହା ଦୋଳ ପର୍ବ। ଏହି ବସନ୍ତ କାଳୀନ ଉତ୍ସବର ମହିମା ବର୍ଣ୍ଣନା କଲାବେଳେ କବିବର ରାଧାନାଥ ରାୟଙ୍କ ଲୋକପ୍ରିୟ 'ପାର୍ବତୀ କାବ୍ୟ'ର ସେହି ସ୍ମରଣୀୟ ଧାଡ଼ିଟି ଉଲ୍ଲେଖ କରୁଛି - 'ଫଗୁ ବର୍ଣ୍ଣୋଦକେ ସର୍ବାଙ୍ଗ ରଞ୍ଜିତ ବିହରନ୍ତି ଯୁବାଦଳ'। ଲୋକପ୍ରିୟ ବୈଷ୍ଣବ ଗୀତଟି ଉଲ୍ଲେଖ କରି ଏହି ଆଲେଖ୍ୟଟି ଶେଷ କରୁଛି - 'ଅବିରତେ ଅବିରତେ ଅବିର ଉଡାଅ ଗୋ, ମଦନମୋହନ ଅଙ୍ଗେ ଅଙ୍ଗକୁ ଜଡ଼ାଓ ଗୋ'।

+ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୮୯୧୭୩୭୭୯୮୭

# ହୋଲି... ହୋଲି...



## ଓଡ଼ିଶାରେ ଦୋଳଯାତ୍ରା

ପଣ୍ଡିତ ଦୈତ୍ୟାରି ମହାପାତ୍ର



ପ୍ରତିବର୍ଷ ଫାଲ୍ଗୁନ ମାସ ଦଶମୀ ତିଥିରେ ଓଡ଼ିଶାରେ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଋତୁରାଜ ବସନ୍ତଙ୍କୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ। ଶୀତର ପ୍ରକୋପ ଧୀରେ ଧୀରେ କମିକମି ଆସୁଥାଏ। ଦକ୍ଷିଣା ପବନର ମୃଦୁ୍ୟସ୍ପର୍ଶ ସିହରଣ ମଣିଷର ତନୁମନରେ ଅପୂର୍ବ ଝଲକ ସୃଷ୍ଟି କରିଥାଏ। ନୂତନ କିଶଳୟରେ ଭରପୁର ହୋଇଉଠେ ଉଦ୍ୟାନର ବୃକ୍ଷରାଜି। ଏକାମ୍ର (ଆମ୍ବ) ଫଳ ସାରା ଜଗତକୁ ରସାପ୍ଲୁତ କରିଥାଏ। ସବୁଜ ଶ୍ୟାମଳ ପ୍ରକୃତି ବିମଣ୍ଡିତା ବନାନୀର ମାୟା ସମସ୍ତଙ୍କୁ ମୋହଗ୍ରସ୍ତ କରିଥାଏ। ସେତିକିବେଳେ ଓଡ଼ିଶାର ପୁରପଲ୍ଲୀରେ ପାରମ୍ପରିକ ରୀତିନୀତି ଅନୁସାରେ ଦୋଳଯାତ୍ରା ଓ ହୋଲି ଉତ୍ସବ ପାଳନ କରାଯାଇଥାଏ।

ବହୁ ପ୍ରାଚୀନ କାଳରୁ ଓଡ଼ିଶାର ଦୋଳଯାତ୍ରା ପାଳିତ ହୋଇଆସୁଛି ବୋଲି କିମ୍ବଦନ୍ତୀ କହେ। ଓଡ଼ିଆ ପଞ୍ଜିକା ଅନୁସାରେ ଫାଲ୍ଗୁନ ମାସର ପୂର୍ଣ୍ଣିମା ତିଥିକୁ 'ଦୋଳପୂର୍ଣ୍ଣିମା' କୁହାଯାଏ। ସାଧାରଣତଃ ଫାଲ୍ଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଦୋଳଯାତ୍ରା ପାରମ୍ପରିକ ବିଧିବିଧାନର ସହିତ ଅନୁଷ୍ଠିତ ହୋଇଥାଏ। ଏହି ପର୍ବର ଆରାଧ୍ୟ ଦେବତା ହେଉଛନ୍ତି 'ରାଧାକୃଷ୍ଣ'। ତାଙ୍କ ନିଟକରେ ଦଶମୀ ତିଥିରୁ ଏକାନ୍ତ ଭକ୍ତିର ସହିତ ଅବିର ଅର୍ପଣ କରାଯାଇଥାଏ। ଭଗବାନ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତୀ, ଛୋଟଛୋଟ ବିମାନରେ ବସାଇ ସାଜସଜ୍ଜା କରି ମହାଆଡ଼ମ୍ବର ସହକାରେ ନୀତି, ନିୟମ, ନିଷ୍ଠାର ସହିତ ଭକ୍ତମାନଙ୍କର ଦ୍ୱାରକୁ ନିଆଯାଇଥାଏ। ଭକ୍ତଙ୍କ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯିବା ସହିତ ବ୍ରହ୍ମଣଙ୍କୁ ଦକ୍ଷିଣା ଏବଂ ଭଗବାନଙ୍କୁ ଭେଟି ଅର୍ପଣ କରାଯାଏ।

ଠାକୁରଙ୍କ ଉଦ୍ଦେଶ୍ୟରେ ଦ୍ୱାର ସମ୍ମୁଖରେ ଯେଉଁ ଭୋଗ ଅର୍ପଣ କରାଯାଏ ତାହାକୁ 'ଦ୍ୱାରୀଭୋଗ' କୁହାଯାଏ। ଦୋଳପୂର୍ଣ୍ଣିମା ଦିନ ଶ୍ରୀଜୀଉମାନଙ୍କୁ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ। କେତେକ ସ୍ଥାନରେ ଗାଁର ମଧ୍ୟ ସ୍ଥଳରେ ଠାକୁରଙ୍କ ବସିବା ଲାଗି ସାଜସଜ୍ଜା ପୂର୍ବକ ଏକ ସୁଦୀର୍ଘ ମଣ୍ଡପ ନିର୍ମାଣ କରାଯାଇଥାଏ। ତାହାକୁ 'ଦୋଳମଣ୍ଡପ' କୁହାଯାଏ। ସେଠାରେ ଭଗବାନଙ୍କୁ ଏବଂ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ଅବିର ଖେଳର ଆୟୋଜନ କରାଯାଇଥାଏ। ଏହି ଦିନ ଶ୍ରୀଜୀଉମାନେ ପରସ୍ପର ମଧ୍ୟରେ ଅବିର ଖେଳ ହେବା ସହିତ ଭକ୍ତମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ନାମ ସଂକୀର୍ତ୍ତନ ସହିତ ଯଜ୍ଞ ଆଦିର ଆୟୋଜନ କରାଯାଇଥାଏ। ଏପରିକି ବ୍ରାହ୍ମଣମାନେ ବ୍ରହ୍ମାସନରେ ବସି ଅଷ୍ଟାଦଶ ପୁରାଣ, ଗୀତା ଭାଗବତ ଆଦି ପାଠ କରିଥାନ୍ତି। ଏହି ଦିନ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଲକ୍ଷଲକ୍ଷ ଭକ୍ତମାନଙ୍କର ସମାଗମ ହୋଇଥାଏ। ଯେମିତି ମହାପ୍ରଭୁ ଜଗନ୍ନାଥ ନ' ଦିନ ପାଇଁ ପତିତ ଜନଙ୍କୁ ଉଦ୍ଧାର ନିମନ୍ତେ ଭକ୍ତମାନଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ବଡ଼ଦାଣ୍ଡକୁ ଆସିଥାନ୍ତି, ଠିକ୍ ସେହିପରି ଫାଲ୍ଗୁନ ମାସ ଦଶମୀ ଠାରୁ ଶ୍ରୀଜୀଉମାନେ ଭକ୍ତଙ୍କୁ ଦର୍ଶନ କରିବା ପାଇଁ ଦ୍ୱାରେ ଦ୍ୱାରେ ଭ୍ରମଣ କରିଥାନ୍ତି। ବାସ୍ତବରେ ଉତ୍କଳୀୟ ସଂସ୍କୃତିରେ ଏହା ହେଉଛି ଏକ ନିଆରା ଭକ୍ତିମୂଳକ ଏବଂ ଭାବଗର୍ଭକ ପରମ୍ପରା।

ସମଗ୍ର ଓଡ଼ିଶାରେ ପୁରପଲ୍ଲୀ ଫାଲ୍ଗୁନ ଦଶମୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଦୋଳଯାତ୍ରାର ଏକ ସ୍ୱତନ୍ତ୍ର ମାହୋଲ ସୃଷ୍ଟି ହୋଇଥାଏ। ଗାଁ ଗାଁରେ ରାଧାକୃଷ୍ଣ ମନ୍ଦିର, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଦେବୀ ମନ୍ଦିର ଆଦିରେ ଚଳନ୍ତି ପ୍ରତିମାକୁ ଚଉଦଳ ବା ଦୋଳ ବିମାନରେ ବସାଇ ଭାବ ଭକ୍ତିର ସହିତ ଗାଁ ଗାଁରେ ପରକ୍ରମା କରାଇଥାନ୍ତି। ଠାକୁର ମଧ୍ୟ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାନ୍ତି। ଓଡ଼ିଶାର ପ୍ରତି ଜିଲ୍ଲାରେ ଦୋଳଯାତ୍ରା ଭାବଭକ୍ତିର ସହିତ ଅନୁଷ୍ଠିତ ହୋଇଥାଏ।

ଓଡ଼ିଶାର ବିଭିନ୍ନ ଶୈବପୀଠ ସହିତ ବୈଷ୍ଣବଭକ୍ତ ଏବଂ ପୀଠର ସୌନ୍ଦର୍ଯ୍ୟ ବୃଦ୍ଧିରେ ଦୋଳମେଳଣ ଓ ଦୋଳମଣ୍ଡପ ଭାବମୟ ସୌନ୍ଦର୍ଯ୍ୟତା ଚତୁର୍ଗୁଣା କରାଇଥାଏ। ବିଶେଷ ଭାବେ ଶୈବ, ଶାକ୍ତ ଏବଂ ନିର୍ବିବାଦୀୟ ପୀଠରେ ଆୟୋଜିତ ହୋଇଥାଏ ଦୋଳମେଳଣ। ସେଠାରେ ପ୍ରାୟତଃ ପାଞ୍ଚରାତ୍ର ଧରି ଚାଚେରୀରେ ସନ୍ଧ୍ୟାଠାରୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଗ୍ରାମ ପରିକ୍ରମା ଏବଂ ପରିଭ୍ରମଣ କରୁଥିବା ରାଧାକୃଷ୍ଣ ବିମାନ ଆସି ସାମୟିକ ରହିଥାଏ। ସମଗ୍ର ଓଡ଼ିଶାର ବିଭଭିନ୍ନ ସ୍ଥାନରେ ଦୋଳଯାତ୍ରାର ପରମ୍ପରା ଐତିହ୍ୟ ଓ କିମ୍ବଦନ୍ତୀର ସ୍ୱତନ୍ତ୍ରତା ଶୁଣିବାକୁ ମିଳେ। ଓଡ଼ିଶାରେ ବିଭିନ୍ନ ପ୍ରକାରର ଦୋଳମେଳଣ ହେଉଥିବା ବେଳେ ତାହା ବିଶେଷ ଭାବେ ଭକ୍ତମାନଙ୍କ ଚିତାକର୍ଷକ ଭାବମୟ ସୃଷ୍ଟି କରେ। ଓଡ଼ିଶାରେ ପାଳନ ହେଉଥିବା ଦୋଳମାନଙ୍କ ମଧ୍ୟରୁ ରାଜଦୋଳ, ପଞ୍ଚୁଦୋଳ, ଷଡ଼ଦୋଳ, ସପ୍ତଦୋଳ, ନବଦୋଳ, ଏବଂ ଦଶଦୋଳ ଅନ୍ୟତମ। ଫାଲ୍ଗୁନ ମାସର ଶୁକ୍ଳପକ୍ଷ ଦଶମୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଳିତ ହେଉଥିବା ଦୋଳକୁ 'ରାଜଦୋଳ' କୁହାଯାଏ। ଫାଲ୍ଗୁନ ମାସ ପୂର୍ଣ୍ଣୀମା ଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ପାଳିତ ମେଳଣକୁ 'ପଞ୍ଚୋଦଳ' କୁହାଯାଏ। କେତେକ ସ୍ଥାନରେ ପୂର୍ଣ୍ଣିମା ଦିନର ଆରମ୍ଭ ହୋଇ ପଞ୍ଚମୀ ପର୍ଯ୍ୟନ୍ତ ପାଳିତ ହେଉଥିବା ଦୋଳକୁ 'ଷଡ଼ଦୋଳ' କୁହାଯାଉ ଥିବା ବେଳେ ଆଉ କେତେକ ସ୍ଥାନରେ ନଅ ଦିନ ଦରି ଦୋଳ ଉତ୍ସବ ପାଳନ କରାଯାଇଥାଏ। ତାହାକୁ 'ନବଦୋଳ' ବୋଲି କୁହାଯାଇଥାଏ। ଆଉ କେତେକ ସ୍ଥାନରେ ସାତ ଦିନ ଧରି ଦୋଳ ଉତ୍ସବ ପାଳନ କରାଯାଉଥିବାରୁ ତାହାକୁ 'ସପ୍ତଦୋଳ' କୁହାଯାଏ। ମାତ୍ର ଫାଲ୍ଗୁନ ପୂର୍ଣ୍ଣୀମା ଠାରୁ ଚୈତ୍ରକୃଷ୍ଣ ନବମୀ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଦୋଳ ପର୍ବକୁ ଦଶଦୋଳ ବୋଲି କୁହାଯାଏ।

ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଦୋଳ ପର୍ବ ହେଉଛି ଅନ୍ୟତମ। ଶ୍ରୀଚୈତନ୍ୟ ଜୟନ୍ତୀରେ ସଂକୀର୍ତ୍ତନ ଖୋଳକରତାଳର ସହିତ ଭାବ, ଭକ୍ତ, ରସରେ ଏହି ଉତ୍ସବ ପାଳନ କରାଯାଇଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣ ହେଉଛନ୍ତି ଅଭେଦ୍ୟ ତେଣୁ କେତେକ ସ୍ଥାନରେ ଭଗବାନ ଶ୍ରୀକୃଷ୍ଣ ପରିବର୍ତ୍ତେ ବିଶ୍ୱ ଠାକୁର ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତୀ ଦେଖିବାକୁ ମିଳେ। ବିଭିନ୍ନ ପୁରାଣ ଶାସ୍ତ୍ରରେ ଏହି ଗଣ ପର୍ବ ଦେଖିବାକୁ ମିଳେ। ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଏବଂ ପ୍ରତି ଜିଲ୍ଲାରେ ଦୋଳମେଳଣ ଏକାନ୍ତ ଭକ୍ତିର ସହିତ ପାଳନ ରଯାଇଥାଏ। ସେମାନଙ୍କ ମଧ୍ୟରୁ ନବରଙ୍ଗପୁର, କଟକ, ଟିଟିଲାଗଡ଼, ଗୋପାଳପୁର, ପୁରୀ, ଛତ୍ରପୁର, ପାରଳାଖେମୁଣ୍ଡି, ବୌଦ୍ଧ, ଢେଙ୍କାନାଳ, ଭୁବନ, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କେନ୍ଦୁଝର, ଆଠଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଆଦି ଅନ୍ୟତମ। ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଦୋଳମେଳଣ ଦେଖିବାକୁ ମିଳେ । ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ଦୋଳ ମେଳଣ ପାଳିତ ହେଉଥିବାର କିମ୍ବଦନ୍ତୀ କୁହେ। ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ଦୋଳ ମେଳଣ ମଧ୍ୟରୁ କେତେକସ୍ଥାନର ସ୍ୱତନ୍ତ୍ରତା ଏକ କିମ୍ବଦନ୍ତୀମୂଳକ। ସେମାନଙ୍କ ମଧ୍ୟରୁ କାଶିବାହାଲ, ନନ୍ଦପୁର, କୁନ୍ଦ୍ରା, ଦୁଶି, ବାରକେଲ୍, ନିକ୍ତିମଳ, ଭଜପୁର, ପିତ୍ରାପଥର, ଘୁସାରମଲ, ବଟଗାଁଓ, ଗୋଓ, ଧତ୍ରମୁଣ୍ଡା, ସୁଦୋ, ସରଗୁଲ, ନିମାଚମ୍ପାମାଲ, ଭୁଜୋବାର, ଫୁଲବାଣୀ, କେଲାପଡା, ବରିକୁମ୍ପା, ବଇକୁମ୍ପା, ସାରଙ୍ଗଗଡ଼, କୁରୁଟିପଲ୍ଲୀ, ପସରା, ଗଞ୍ଜାମ, ପୁରୁଣା ଛତ୍ରପୁର, ହୁଣ୍ଡତ, ପିତଳ, କୋଦଳା, ଫାସି, ଲାଠି, ଶୀତଳ ପଲ୍ଲୀ ଲାଞ୍ଜିଆ, ବଡ଼ଡୁମୁକା, କୁଲାଡ଼, ମଥୁରା, ପଦ୍ମନାଭପୁର, ଗଣ୍ଡପଡ଼ା, ଗୁମ୍ମା, ଜିଲୁଣ୍ଡି, ବାଉଲପୁର, ସାରଆପଡ଼ା, କମଳ ଗାଁ, ଦେଓ ଗାଁ, ଖଙ୍କର, ଖଣ୍ଡବନ୍ଧ, ମୁକୁଟପସି, ବରିହାପୁର, ଓରିସୋ, ତଳମଞ୍ଜିଲ ଶାସନ, ଜାମୁକୁଡ଼, କୋଟଡ଼, କୋଷଳ, ରାଇପଲ, ବାଗଡିଅ,କେରଜଂଗ, କର୍ଣ୍ଣପୁର, ବରଜକୋଟ, କଇଁତରଗଡ଼, ସାନଜାମୁର, ଧାରୁଆପାଲି, ସନ୍ଥପୁର, ସାଆନ୍ତରାପୁର, ପଟାହାସି, ମାଲୁଦ, ବ୍ରହ୍ମଗିରି, ଜଙ୍କିଆ, ଶ୍ରୀରାମଚନ୍ଦ୍ରପୁର, ହରିରାଜପୁର, ନିମାପଡ଼ା, ରୁସୁଣି, ଗୋବର୍ଦ୍ଧନପୁର, ପ୍ରତାପଶାଙ୍କ, ଗଡ଼ହଳଦିଆ, ଓଳସିଂହା, ବାଣପୁର, ଟାଙ୍ଗି, ତାରପୁର, ବାଲୁଗାଁ, ଇଟାମାଟି, ଆନନ୍ଦପୁର, ନଗପୁର, ଓରିଲ, ଆୟତପୁର, ପ୍ରତାପନଗରୀ, କିଷାନନଗର, ମିର୍ଜାପୁର, ଗୋବିନ୍ଦପୁର, ଲକ୍ଷଣପୁର, ମଉଜା, ଓଳକଣା, ପୋଡ଼ାମାରି, ଯଶୋବନ୍ତପୁର, ଓଷକଣା, ଏରସମା, ଛତିଆ, ତାଳପଦା, ବିଜିପୁର, ବାଲିଆ, ନୀଳପଦା, ପଟ୍ଟାମୁଣ୍ଡାଇ, ନରସିଂହପୁର, ପାଟକୁରା, ବରୁହା, ସିଙ୍ଗାପୁର, କୁଆଖିଆ, ଧର୍ମଶାଳା, ନରସିଂହପୁର, ସଇଁକୁଳା, ଜଇପୁର, କରଞ୍ଜିଆ, ରଇହାରି, ପଦ୍ମପୁର, କ୍ଷୀରକୁଣା, ପତିରାଜପୁର, ବ୍ରାହ୍ମଣଗାଁ, ଝାଡ଼ପଟା, କାଳିମେଘା, କମାରଗାଁ, ବାସୁଦେବପୁର, ଭୈରପୁର, ବାଲିମେଦ, ବାଲିଖଣ୍ଡ, ଗୋଲିଆ, କୁଳିଦା, ଅଭଣା, ସିଙ୍ଗଲା, ଆହରପଦା, ସହରା, ବନ୍ତ, ଭଣ୍ଡାରିପୋଖରୀ, ଧାମନଗର, ଆରଡ଼ି, କଳିଆପଦା, କହ୍ନେଇବିନ୍ଧା, ଚୂଡ଼ାକୁଟି ଇତ୍ୟାଦି

ସେ ଯାହା ହେଉନା କାହିଁକି, ରାଧାକୃଷ୍ଣଙ୍କୁ ଦୋଳଉତ୍ସବରେ ପୂଜା କରିବାର ଅର୍ଥ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ସତଶହସ୍ର ଗୋପନାରୀଙ୍କ ପ୍ରଣୟକୁ ଆନ୍ତରିକତାର ସହିତ ସମ୍ମାନ ଜଣାଇବା। ହୋଲିପର୍ବ ହେଉଛି ପରସ୍ପର ପରସ୍ପର ମଧ୍ୟରେ ହୃଦୟର ସହିତ ମିଳନର ଏକ ମହାପର୍ବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ପର୍ବକୁ ଓଡ଼ିଶାରେ ପାଳନ କରାଯାଇଥାଏ। ହୋଲିଖେଳ ଉପଲକ୍ଷେ ରାଧାକୃଷ୍ଣଙ୍କୁ ପିଚକାରୀ ଖେଳକୁ ଉପଜୀବ୍ୟ କରି ସର୍ବଭାରତୀୟ ସ୍ତରରେ କବିମାନେ ବିଭିନ୍ନ ସଂକୀର୍ତ୍ତନ ରଚନା କରିଛନ୍ତି। ଉତ୍କଳୀୟ କବିମାନେ ମଧ୍ୟ ଅନେକ କବିତା ରଚନା କରିଛନ୍ତି। ସେମାନଙ୍କ ମଧ୍ୟରୁ ବୈଷ୍ଣବକବି ଗୋପାଳକୃଷ୍ଣଙ୍କ ହୋଲି ଗୀତ ଅତ୍ୟନ୍ତ ଚିତାକର୍ଷକ। ଯଥା-

'ହୋରୀ ରଙ୍ଗେ ବିହରୀ,
ହୋରି ସଙ୍ଗେ କିଶୋରୀ,
ପବନେ ଢ଼ଳି ଚମ୍ପକ ମଲ୍ଲୀ,
ତମାଳେ ଢ଼ଳିଲା ପରି।
ପଶୁପୀବାଳି ଚପଳାମାଳା,
ଘନକୁ ଘେରିଲା ପରୀ,
ହେମାବ୍ଜ ବନ ବୟସୀ
ଜନ ମଧୁବନ ଗିରିଧାରୀ।
ପଙ୍କୁ ଅବିର ବ୍ରଜ ସୁନ୍ଦର,
କଞ୍ଚୁଲି ଗଳି ବାହାରି,
ଶ୍ରୀରାଧାପିଙ୍ଗୁ ମୁହଁ ନ
ଜଗୁ ବାଜି ହୃଦରେ ସଂଚରୀ।
ନଳ ଯନ୍ତ୍ରର ଧରି ରତ୍ନର
ବିଞ୍ଚନ୍ତି ପନିର ବାରୀ,
ଗୋପାଳ ନୟନ ତୃଷ୍ଣ
ହୋଇଲା ସେ ସୁଭାସୁରୀ।'

+ ଭଦ୍ରକ
ମୋ-୮୭୬୩୫୪୮୨୦୨

## କୃଷ୍ଣସ୍ତୁ ଭଗବାନ ସ୍ୱୟଂ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର





ଓଡ଼ିଆ ଜନଜୀବନରେ ବସନ୍ତ ଋତୁରେ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳଉତ୍ସବ ଓ ହୋଲି ପ୍ରତିଟି ଓଡ଼ିଆ ପାଇଁ ଅତ୍ୟନ୍ତ ଭାବପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ଗୀତ ଗୋବିନ୍ଦରେ ଉଲ୍ଲେଖ ରହିଛି - 'ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ' । ଲଳିତ ଲବଙ୍ଗ ଲତାକୁ ଛୁଇଁ ବହି ଆସୁଥିବା ମଳୟ ସମୀରଣର ତାନେ ତାନେ ଜୀବରୂପିଣୀ ଗୋପୀମାନେ ପରମାତ୍ମାଶ୍ରୀକୃଷ୍ଣଙ୍କ ସାନ୍ନିଧ ଲାଭକରି, ବୃନ୍ଦାବନରେ ଯେଉଁ ରାସଲୀଳା ଆରମ୍ଭ କରିଥିଲେ, ତାହା ହେଉଛି - ଦୋଳଯାତ୍ରା ବା ହୋଲି ପର୍ବର ମୂଳ ଉତ୍ସ । ଜନ ସମାଜର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସମସ୍ତ ସାଂସାରିକ ବାସ୍ନାରୁ ମୁକ୍ତ ହୋଇ, ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେ ସଙ୍ଗେ ରଙ୍ଗ ପିଚକାରୀ ଖେଳ ଆରମ୍ଭ କରିଥାନ୍ତି । ପ୍ରେମାନୁରାଗ ଭକ୍ତିର ଚରମ ସୋପାନରେ ଆସୀନା ଗୋପୀଗଣ ଶ୍ରୀକୃଷ୍ଣଙ୍କ ନବନୀରଦ ଶ୍ୟାମ ଶରୀରରେ; ଅବିର, ଅଗୁରରୁ ଚନ୍ଦନ ବୋଳି ମିଳନର ଆକୁଳତା ପ୍ରକାଶ କରନ୍ତି । ଭକ୍ତଗଣଙ୍କ କାନ୍ତଭାବାଶ୍ରିତ ଭକ୍ତିରେ ପ୍ରୀତ ପରମେଶ୍ୱର ଶ୍ରୀକୃଷ୍ଣ; ସେମାନଙ୍କ ସହିତ ପଦାତ୍ମ୍ୟଭାବ ପ୍ରକାଶ କରି, ଏକାକାର ହୋଇ ଯାଆନ୍ତି । ଏହା ହିଁ ହେଉଛି ହୋଲି ଖେଳର ଆତ୍ମିକ ଅଭିବ୍ୟକ୍ତି । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି - ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଳିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ। ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ - ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି। କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ। ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ। ବୃନ୍ଦ ମାନେ ସମୂହ - ବିଶ୍ୱଜଗତର ସବୁକିଛି। ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା। ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ। ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି। ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ।

ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ । କର୍ମବ୍ୟସ୍ତ ତେଲଲୁଣର ସଂସାର ହେଉ ବା କର୍ମକ୍ଷେତ୍ରର ଗୁରୁଦାୟିତ୍ୱ ଭିତରେ ପ୍ରାୟତଃ ସମସ୍ତେ କିଛି ସମୟ କାଢ଼ି ଥାନ୍ତି ରଙ୍ଗ ଓ ଆନନ୍ଦର ମହାପାର୍ବଣ ହୋଲିରେ ନିଜକୁ ସାମିଲ କରିବାପାଇଁ । ପବିତ୍ର ହୋଲି ରଙ୍ଗ ଆନନ୍ଦର ପାର୍ବଣ ସମସ୍ତଙ୍କ ଭିତରେ ସେବା ଠାରୁ ସ୍ନେହଶ୍ରଦ୍ଧା ଓ ଭଲ ପାଇବା ଠାରୁ ସମାଜ ସେବାରେ ନିଜକୁ ବ୍ରତୀ ରଖିଲେ ହୋଲିର ଅନ୍ତର୍ନିହିତ ତାତ୍ପର୍ଯ୍ୟ ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ପ୍ରେରଣାପ୍ରଦାୟକ ହୋଇପାରିବ ଏହା ହିଁ ସମସ୍ତଙ୍କ ପାଇଁ କାମନା ।

+ ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଦୋଳ ଯାତ

ବସନ୍ତ କୁମାର ପ୍ରଧାନ



ଋତୁଚକ୍ରର ଆବର୍ତ୍ତନରେ
ଆସିଛି ଏବେ ବସନ୍ତ
ଚାରୁ ପ୍ରାକୃତିକ ସୁଷମା ମଣ୍ଡିତ
ଧରା ଦିଶେ ସୁଶୋଭିତ ।

ବହେ ମଧୁମୟ ମନ୍ଦ ମଳୟ
ଅଙ୍ଗେ ଭରେ ମାଦକତା
ତରୁଲତା ଦେହେ ସୁମନ ସମ୍ଭାର
ହରିନିଏ ମନୁ ବ୍ୟଥା ।

ବକୁଳ ମୁକୁଳ ବାସନା ଅତର
ଦେହରେ ସିଞ୍ଚି ବସନ୍ତ
ସଉକିଆ ଟୋକା ପରି ଆସିଅଛି
ଦେଖିବାକୁ ଦୋଳ ଯାତ ।

ପୂର୍ଣ୍ଣିମା ତିଥିରେ ଦୋଳ ବେଦୀରେ
ଝୁଲନ୍ତି ରାଧା ଗୋବିନ୍ଦ
ଅପରୂପ ଶୋଭା ଅଟେ ମନ ଲୋଭା
ଝରଇ କି ମକରନ୍ଦ !

ନାତିଶୀତୋଷ୍ଣ ସ୍ନିଗ୍ଧ ପରିବେଶ
ମନ କରେ ଆକର୍ଷଣ
ରାଧା କୃଷ୍ଣଙ୍କର ବିମାନ ମେଳଣ
କରଇ ପାପ ମୋଚନ ।

ଅବିର ଅର୍ପଣ କରି ଠାକୁରଙ୍କୁ
ଖେଳନ୍ତି ଜନେ ଅବିର
ଦଶମୀ ତିଥିରୁ ଦଶ ଦୋଳ ଯାଏଁ
ଦୋଳ ଯାତ କି ସୁନ୍ଦର !

ବସନ୍ତ ଋତୁର ଶ୍ରେଷ୍ଠ ଉତ୍ସବ
ଅଟଇ ଏ ଦୋଳ ଯାତ
ରାଧାକୃଷ୍ଣ ଙ୍କର ଏ ଅପୂର୍ବ ଲୀଳା
ଜଗତ କରେ ପବିତ୍ର ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ-୭୭୩୫୬୧୧୪୮୪

## ଗଲାଣି ଅନେକ ହୋଲି

ପ୍ରଶାନ୍ତ କୁମାର ନାୟକ



ତୁମେ କହିଥିଲ ଫଗୁଣ ଆସିଲେ
ରଙ୍ଗ ମୋ ସାଥେ ଖେଳିବ ବୋଲି ,
ତୁମ ବାଟ ଚାହିଁ ଏଇମୋ ଜୀବନେ
ଗଲାଣି ଅନେକ ହୋଲି ।।

କଥା ଦେଇ ତୁମେ ଆସିଲନି ଜମା
ଏବେ ବି ରହିଛି ଚାହିଁ ,
ଅବିର ବୋଳିବି ଗୋରା ଗାଲେ ତୁମ
କରୁଥିବ ନାଇଁ ନାଇଁ ।।

ତଥାପି ଭାବୁଛି ଆସିବ ତ ଦିନେ
ସଙ୍ଗୀତ ମୂର୍ଚ୍ଛନା ତୋଳି,
ମନଜାଣି ମୋର ଏଇ ଶରୀରରେ
ଫଗୁ ଆଣି ଦେବ ବୋଲି ।।

ମଳୟ ହାତରେ କେତେଯେ ଦେଇଛି
ତୁମେ ଆସିବାର ଚିଠି ,
ରଖିଛି ସାଇତି ଆସିଲେ ତୁମକୁ
ଗୋଲାପ ଦେବି ମୁଁ ଭେଟି ।।

ତୁମ ସହ ରଙ୍ଗ ଖେଳି ଏ ଜୀବନ
ଆଶ୍ୱସ୍ତି ଲଭିବ ମୋର ,
ତୁମେ ଆସିବାର ବାଟକୁ ଅନାଇ
ଝୁରୁଥିବି ନିରନ୍ତର ।।

+ୟୁନିଟ୍ -୦୫; ଭୁବନେଶ୍ୱର
ଫୋନ୍ - ୮୨୪୯୬୫୦୪୧୪



## ହୋଲିକା ଦହନ

ସରସ୍ୱତୀ ମେହେର



ଫଗୁଣ ମାସର ଶାନ୍ତ ରାତିରେ
ଦେବା ହୋଲିକା ଜଳାଇ
ନିଜର କ୍ରୋଧ, ହିଂସା, ଲୋଭକୁ
ଦେବା ସେଇ ନିଆଁରେ ପକେଇ ।

କୁସଂସ୍କାର, ଅନ୍ଧ ବିଶ୍ୱାସର ପଟିକୁ
ଆଖିରୁ ଖୋଲି ଦେଖିବା
ତେବେ ପ୍ରହଲ୍ଲାଦ ପରି ସମସ୍ତଙ୍କ
ପ୍ରିୟ ହୋଇ ପରିବା।

ହୋଲିକା ଅହଙ୍କାର କଲା ବୋଲି
ଜଳିଣ ଗଲା ନିଆଁରେ
କିଛି ହେଲା ନାହିଁ, କୋମଳ ଦେହ
ପ୍ରହଲ୍ଲାଦର ଭକ୍ତି ଆଉ ବିଶ୍ୱାସରେ ।

ଆଜି କାଲି ସବୁଠାରେ କରୁଛନ୍ତି
ହୋଲିକା ଦହନ ପର୍ବ
କିନ୍ତୁ କାଠକୁ ଜାଳି ଦେଲେ ହେବନି
ମନର ଗର୍ବଟି ଖର୍ବ ।

ନିଜର ଖରାପ ଅଭ୍ୟାସକୁ ଛାଡି
ଶୁକର୍ମ କରିବା ପାଇଁ
ଆଜି ଦହନରେ ନିଜର ଅବଗୁଣକୁ
ଜଳେଇ ଦେବା ମୁକ୍ତି ଲଭିବା ପାଇଁ ।

+ ଯୋଗିବାହାଲ, ସିନାପାଲି ନୂଆପଡ଼ା

# ନୀହାରକନ୍ୟା ସାହିତ୍ୟ ସଂସଦର ୨୯ତମ ବାର୍ଷିକ ଉତ୍ସବ

## ଦୁଃଖର ରଙ୍ଗ, ଲୁହର ସ୍ୱାଦ, ଯନ୍ତ୍ରଣାର ସ୍ଥାପତ୍ୟ ଓ ଆନନ୍ଦର କାରୁକାର୍ଯ୍ୟ ବୁଝୁଥିବା ସାହିତ୍ୟ ଅପରାଜୟ ମଣିଷର କଥା କହେ



ସୋର, ୦୨/୩ (ନି.ପ୍ର): କବିତାଟିଏ ଲେଖିବା ପରେ ତାହା ଆଉ କବିର ହୋଇ ରହେନାହିଁ। ନିଜସ୍ୱ ଗାରିମାରେ ତାହା ଝଲସି ଉଠେ, ତହିଁ କବିତାର ଅହମିକା ଓ ସାହିତ୍ୟର ସୌନ୍ଦର୍ଯ୍ୟ ବୋଲି ସୋର ଶିଙ୍ଗାଖୁଣ୍ଟା ନୂଆଗାଁ ନୀହାରକନ୍ୟା ସାହିତ୍ୟ ସଂସଦର ୨୯ ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଦେବଗିରି ପାଦଦେଶ ଭଳି ପ୍ରାକୃତିକ ପରିବେଶରେ ସାହିତ୍ୟର ପ୍ରକୃତ ଉତ୍ସ ଥାଏ, ଯାହା ଆଜିର ସମାବେଶ ତା'ର ପ୍ରମାଣ ଦେଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ କହିଲେ ଯେ ଦୁଃଖର ରଙ୍ଗ, ଲୁହର ସ୍ୱାଦ, ଯନ୍ତ୍ରଣାର ସ୍ଥାପତ୍ୟ ଓ ଆନନ୍ଦର କାରୁକାର୍ଯ୍ୟକୁ ବୁଝୁଥିବା ସାହିତ୍ୟ କହେ ମଣିଷର କେବେବି ପରାଜୟ ନାହିଁ ଏବଂ ପ୍ରତ୍ୟେକ ସକାଳ ଗୋଟେ ଗୋଟେ ନୂଆ ସକାଳ। ବରେଣ୍ୟ ଅତିଥି ଭାବେ କବି ଶ୍ରୀଦେବ ଯୋଗଦେଇ କହିଲେ ଯେ ଓଡ଼ିଶାର ସାରସ୍ୱତ ସାଧକଙ୍କ ସମାବେଶ କହିଲେ ନୀହାର କନ୍ୟାକୁ ବୁଝାଏ। ସମ୍ମାନିତ ଅତିଥି ଗାଳ୍ପିକ ଗଂଗାଧର ବିଶ୍ୱାଳ, କବି କିଶୋର ପାଣିଗ୍ରାହୀ ଓ ଶଙ୍କର୍ଷଣ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାକୁ ପରିଚାଳନା କରିଥିଲେ ନୀହାରକନ୍ୟା ସାହିତ୍ୟ ସଂସଦର ସଂପାଦକ ସୁରଂଜନ ପାତ୍ର। ସରପଞ୍ଚ ଅନାଦି ଚରଣ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତି ରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ନୀହାରକନ୍ୟା' ଶ୍ରୀ ପାତ୍ରଙ୍କ କବିତା ପୁସ୍ତକ 'ମେଘ ଫୁଲ' ଓ ସନ୍ତୋଷିନୀ ଦାସଗିରିଙ୍କ ଗଳ୍ପ ସଂକଳନ 'ଜୀବନର ମାନସାଙ୍କ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବିଜୟ ମହାପାତ୍ର, ଦେବେନ୍ଦ୍ର ଚୌଧୁରୀ, ଆଦିତେଶ୍ୱର ମିଶ୍ର, ଉମାକାନ୍ତ ରାଉତ, ସୁଶାନ୍ତ କୁମାର ନାୟକ, ରମେଶ ଚନ୍ଦ୍ର ମିଶ୍ର, ରଂଜିତା ପଣ୍ଡା, ସଂଜୟ ପଣ୍ଡା, ପ୍ରତିଭା ଖିଲାର, ରୀତାଞ୍ଜଳି ମହାରଣା, ବିଜ୍ଞ ରଂଜନ ପତି, ସ୍ନେହଲତା ଦାସ ଲେଙ୍କ ଓ ବଳବନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶରେ ରାଜ୍ୟସ୍ତରୀୟ କବିତାପାଠୋତ୍ସବକୁ ଔପନ୍ୟାସିକ ସୁନୀଲ ମିଶ୍ର ମୈତେୟ। କବି ବିଜୟ ରାୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କବି ହିମାଂଶୁ ପରିଡ଼ା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କବି ସୁବ୍ରତ ଦାସ ସମ୍ମାନିତ ଅତିଥି ଭରାବ କବୀ ସ୍ୱୟଂପ୍ରଭା ରଥ ଯୋଗଦେଇଥିଲେ। କବି ମିତା ପଟ୍ଟନାୟକ ଓ ଡ.ସଂଯୁକ୍ତା ପରିଡ଼ା ସାଂଯାଜନା କରିଥିବା ବେଳେ ପତିତପାବନ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ଲବ୍ଧ ପ୍ରତିଷ୍ଠିତ କବିମାନେ ଯୋଗଦେଇ କବିତାପାଠ କରିଥିଲେ।

# ପାରାଦୀପ ଜଗନ୍ନାଥ ମନ୍ଦିରରେ ପହଂଚିଲେ ଦାରୁବିଗ୍ରହ

ପାରାଦୀପ, ୨/୩ : ବନ୍ଦର ସହର ପାରାଦୀପ ମଧୁବନସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦୀର୍ଘ ଦିନ ଧରି ଜଗନ୍ନାଥ ଙ୍କ ରୀତିନିତି ଅନୁଯାୟୀ ପୂଜାର୍ଚ୍ଚନା ଚାଲି ଆସୁଅଛି । ମନ୍ଦିର ପ୍ରତିଷ୍ଠା ହେବା ଦିନରୁ ମହାପ୍ରଭୁଙ୍କ ଶ୍ରୀବିଗ୍ରହରେ ପରିବର୍ତ୍ତନ ହୋଇ ନଥିଲା । ଶ୍ରୀ ବିଗ୍ରହମାନଙ୍କର ସ୍ଥିତି ଦିନକୁ ଦିନ ଖରାପ ହେଉଥିଲା। ବିଶେଷ ଭାବରେ ଶ୍ରୀଜୀୟୁମାନଙ୍କର ସ୍ନାନ ଯାତ୍ରା, ଗୁଣ୍ଡିଚା, ବାହୁଡ଼ା ଓ ନିଳାଦ୍ରୀ ବିଜେ ସମୟରେ ଦାରୁଙ୍କୁ ନବା ଆଣିବା ସମନୟରେ ବହୁ ଅସୁବିଧା ହେଉଥିଲା । ଏହାକୁ ଦେଖି ପାରାଦୀପ ଜଗନ୍ନାଥ ସମାଜ ଓ ପାରାଦୀପ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୈଠକରେ ବିଗ୍ରହମାନଙ୍କୁ ପରିବର୍ତନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ପୁରୀ ଶ୍ରୀ ମନ୍ଦିର ପରାମର୍ଶ କ୍ରମେ ଦଶପଲାରୁ ଦାରୁ ସଂଗ୍ରହ ପାଇଁ ନିର୍ଦ୍ଦେଶ ମିଳିଥିଲା । ଏହି ନିର୍ଦ୍ଦେଶ ପାଇବା ପରେ ଗତ ୨୮ ତାରିଖରେ ପାରାଦୀପରୁ ସେବାୟତମାନେ ଦଶପଲାରେ ପହଂଚିଥିଲେ । ସେଠାରେ ଇଙ୍ଗପଣ୍ଡାଙ୍କ ଦ୍ୱାରା ସ୍ଥାନ ଶୁଚୀ, ପୂଜାବିଧି ଆରମ୍ଭ ହୋଇଥିଲା । ମାର୍ଚ୍ଚ ୧ ତାରିଖ ଦିନ ରବିବାର ଦିନ ହୋମଯଜ୍ଞ ସମାପ ହେବା ପରେ ଦାରୁ ଛେଦନ କରାଯାଇଥିଲା । ସୋମବାର ଦିନ ପୂର୍ବାହ୍ନରେ ଦାରୁ ବିଗ୍ରହ ପାରାଦୀପରେ ପହଂଚିଥିଲେ । ପାରାଦୀପ ମାଉସୀମାଆ ମନ୍ଦିର ନିକଟରେ ଦାରୁ ପହଂଚିବା ପରେ ଭଜନ, କୀର୍ତନ ସହିତ ସେବାୟତମାନେ ଜଗନ୍ନାଥ ମନ୍ଦିରକୁ ବାହାରିଥିଲେ । ବାଟରେ ଜଗନ୍ନାଥ ସମାଜର ଅଧ୍ୟକ୍ଷ ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଶ୍ରୀଦାରୁଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହା ପରେ ଶ୍ରୀଦାରୁ ଜଗନ୍ନାଥ ମନ୍ଦିରରେ ପହଂଚିଥିଲେ । ସେଠାରେ ଭକ୍ତ ଓ ସେବାୟତମାନେ ଶ୍ରୀଦାରୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଆସନ୍ତା ନବ କଳେବର ସମୟରେ ପାରାଦୀପ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜିୟୁଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବା ବୋଲି ବରିଷ୍ଠ ସେବାୟତ ତଥା ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅର୍ନ୍ତଯାମୀ ପଟ୍ଟନାୟକ, ନିମାଇଁ ଚରଣ ରାଉତ, ମୃତ୍ୟୁଂଜୟ ମିଶ୍ର, ପ୍ରଶାନ୍ତ କୁମାର ମହାରଣା, ଅମୀୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଆମେରିକାର ଯୁଦ୍ଧ ସନ୍ତ୍ରାସ ବିରୋଧରେ ପ୍ରତିବାଦ ସଭା

ଜଳେଶ୍ୱର, ୦୨/୩ (ନି.ପ୍ର): ଆମେରିକା ଇସ୍ରାଏଲକୁ ଶ୍ରୀଖଣ୍ଡୀ ସଜାଇ ଇରାନ ଉପରେ ଘନଘନ ମିସାଇଲ ମାଡ଼ କରି ବିଶ୍ୱରେ ଯେଉଁଳି ଯୁଦ୍ଧ ସନ୍ତ୍ରାସ ତିଆରି କରିଛି ତା ବିରୋଧରେ ଜଳେଶ୍ୱର ହାଟ ଛକ ଠାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଆଞ୍ଚଳିକ କମିଟି ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସୂଚନା ଥାଉ କି ଆମେରିକା ଓ ଇସ୍ରାଏଲର ଇରାନ ଉପରେ ମିଳିତ ଆକ୍ରମଣ ସମସ୍ତ ମାନବୀୟ ମୂଲ୍ୟବୋଧର ସୀମା ଉଲ୍ଲଂଘନ କରିଛି। ଗୋଟିଏ ବିଦ୍ୟାଳୟ ଉପରେ ମିସାଇଲ ମାଡ଼ କରି ଶତାଧିକ ନିରୀହ ଶିଶୁଙ୍କୁ ହତ୍ୟା କରିବା ଏବଂ ସେ ଦେଶର ରାଷ୍ଟ୍ର ମୁଖ୍ୟଙ୍କୁ। ହତ୍ୟା କରିବା ଆମେରିକାର ଅସଲ ମୁଖାକୁ ପଦାରେ ପକାଇ ଦେଇଛି। ଅନ୍ୟ ଦେଶର ସାର୍ବଭୌମତ୍ୱକୁ ଧ୍ୱଂସ କରିବା ଏବଂ ସେ ଦେଶର ରାଷ୍ଟ୍ର ମୁଖ୍ୟଙ୍କୁ ହତ୍ୟା କରିବା ହେଉଛି ଆନ୍ତର୍ଜାତୀୟ ଆଇନର ଉଲ୍ଲଂଘନ। ଆମେରିକା ନିଜେ କୌଣସି ଆଇନକୁ ନମାନି ଅନ୍ୟ ଦେଶ ଉପରେ ଦାଦାଗିରି କରିବାର ଅଭ୍ୟାସ ଟ୍ରମ୍ପ ଶାସନ କାଳରେ ଚରମ ସୀମାରେ ପହଞ୍ଚିଛି। ନିଜର ଅର୍ଥନୀତିକୁ ସଜାଡ଼ିବା ପାଇଁ ଅନ୍ୟ ଦେଶର ତୈଳ ଖଣି ଉପରେ ଲୋଲୁପ ଦୃଷ୍ଟି ପକାଇବା ସହିତ ଯୁଦ୍ଧାସ୍ତ୍ର ବିକ୍ରି କରିବା ହେଉଛି ଆମେରିକାର ଏକମାତ୍ର ଉଦ୍ଦେଶ୍ୟ।ଏହି ସାମ୍ରାଜ୍ୟବାଦୀ ଆଚରଣକୁ ବିଶ୍ୱ ରାଷ୍ଟ୍ର ସମୂହ ନୈତିକ ବିରୋଧ କରିବା ଆବଶ୍ୟକ। ଆମେରିକା ବିଶ୍ୱକୁ ଏମିତି ପରିସ୍ଥିତି ଆଡ଼କୁ ନେଇଯିବାକୁ ବସିଲାଣି ଯେ ତୃତୀୟ ବିଶ୍ୱ ଯୁଦ୍ଧ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଯୁଦ୍ଧ କୌଣସି ସମୟରେ ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହୋଇନଥାଏ।ଏଣୁ ଯୁଦ୍ଧ ବିରୋଧରେ ବିଶ୍ୱ ବାସୀ ସ୍ୱର ଉତ୍ତୋଳନ କରିବାକୁ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ।ଏହି ପ୍ରତିବାଦ ସଭାରେ ପାର୍ଟିର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି, ସମାଜସେବୀ ତଥା ପାର୍ଟିର ଜିଲ୍ଲା ନେତା ଦିଲ୍ଲୀପ କୁମାର ଗିରି,ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ଧୀରେନ୍ଦ୍ର ନାଥ ଦେ, ରାଜୀବ ପଣ୍ଡା, ସବିତା ଭୂୟାଁ, ଭାଗବତ ପ୍ରଧାନ, କାର୍ତ୍ତିକ ସିଂ,ସାଇମା ବିବି, ବିମଳା ଦାସ,ମାନସ ସୀଟ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ ଓ ଶାନ୍ତି କାମନା କରିଥିଲେ।

# ନୀଳମଣି କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ




ବସ୍ତା , ୦୨/୩ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ବିଜ୍ଞାନ ପରିଷଦ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବିକଶିତ ଭାରତର ଅଗ୍ରଗତି ଓ ବିଜ୍ଞାନ କ୍ଷେତ୍ରରେ ମହିଳା ମାନଙ୍କର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜ୍ଞାନ ପରିଷଦର ସାଧାରଣ ସମ୍ପାଦକ ଅଧ୍ୟାପକ ଜୟକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ରସାଳପୁରସ୍ଥିତ ଡ଼. ଯଦୁନାଥ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ଼. ମଧୁସ୍ମିତା ଦାସ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବିଜ୍ଞାନ କ୍ଷେତ୍ରରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବିଶଦ ଆଲୋଚନା କରିଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି, ଡ଼. ଅର୍ଦ୍ଧେନ୍ଦୁ କୁମାର ଦାଶ ଓ ଶମ୍ଭୁନାଥ ଗିରି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପକ ଚନ୍ଦନ କୁମାର ଦାସ, ଡ. ଶାନ୍ତନୁ କୁମାର ଜେନା, ହରେନ୍ଦ୍ର ଗାଣ, ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଓ କାବେରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଶୋକ ମଡୁଆଳ, ନିରୁପମା ସାହୁ, ପାୟଲ ମଣ୍ଡଳ, ମୋନାଲିସା ପରିଡା, ପ୍ରିୟବ୍ରତ ମୁର୍ମୁ, ସୁନିଲ କୁମାର ବାରିକ, ରଜତ ଦଲେଇ, ରାଜେଶ ସେଠୀ, ଆକାଶ ଦାସ, ନରୋତ୍ତମ ଦାସ, କାନ୍ଦନ ହେମ୍ବ୍ରମ ଓ ମୋନାଲିସା ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଭିନ୍ନ ବିଭାଗରେ ୨୦୨୫ ମସିହା ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିଚାଳିତ +୩- ବିଜ୍ଞାନ ଡିଗ୍ରୀ ଓ +୨- ବିଜ୍ଞାନ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନୋଷ୍ଟ୍ରେଟର ବାସନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ଆଲୁମନି ତରଫରୁ ସୁବର୍ଣ୍ଣରେଖା ଛାତ୍ରୀ ନିବାସରେ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର, ୦୨/୩ (ନି.ପ୍ର): ଫକୀର ମୋହନ କଲେଜ ଆଲୁମନି ତରଫରୁ ସୁବର୍ଣ୍ଣରେଖା ଛାତ୍ରୀ ନିବାସରେ ଅଧିକ୍ଷିକା ପ୍ରଫେସର ମିନତି ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୩ ଜଣ ଅନ୍ତେବାସୀନିଙ୍କର ରକ୍ତ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଅଲୁମ୍ନି ର ସଭାପତି ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ ଚୌଧୁରୀଙ୍କ ଦ୍ୱାରା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ହିମୋଗ୍ଲୋବିନ ରିପୋର୍ଟ ଅନୁସାରେ ମେଡ଼ିସିନ୍ ସେବନ ପାଇଁ ବ୍ୟବସ୍ଥାପକ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଡାକ୍ତର ସୁଧାଂଶୁ ପରିଡ଼ା, ଡାକ୍ତର ତାରାକାନ୍ତ ନନ୍ଦ, ଅନିଲ ପଟ୍ଟନାୟକ, ଅମୃତାଂଶୁ ପଟ୍ଟନାୟକ, ଦେବାଶିଷ ପାଣି, ପୀତାମ୍ବର ଦାସ, ପାର୍ଥ ସାରଥି ଆଶ, କଲ୍ୟାଣୀ ନନ୍ଦ, ତ୍ରିଲୋଚନ ନାୟକ ସହଯୋଗ କରିଥିବା ବେଳେ ବାଇଓଲୋଜିକାଲ ଇଭାଂଶ ତରଫରୁ କମ୍ପାନି ଏ.ବି.ମ. ତିବୁଲା ବିଶ୍ୱାଳ,ପ୍ରକାଶ କୁମାର ବାରିକଙ୍କ ଦ୍ୱାରା ସହାୟତା ଯୋଗାଇ ଦିଆଯାଇଥିଲା। ହଷ୍ଟେଲ ର କର୍ମକର୍ତ୍ତା ମାନେ ଏଥିରେ ମଧ୍ୟ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୦୨/୩ (ନି.ପ୍ର): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୩ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୧ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

# ବେତନଟୀ ଓକିଲ ସଂଘର ନିର୍ବାଚନ ତାରିଖ ଘୋଷଣା

ବେତନଟୀ,୨/୩(ନି.ପ୍ର) ସମସ୍ତ ରାଜ୍ୟ ବାର୍ ଏସୋସିଏସନର ନିର୍ବାଚନ ତାରିଖ ଚଳିତ ମାର୍ଚ୍ଚ୨୮ ରେ ହେବାକୁ ଥିବା ବେଳେ ବେତନଟୀ ଓକିଲ ସଂଘର ମଧ ନିର୍ବାଚନ ମାର୍ଚ୍ଚ ୨୮ରେ ଅନୁଷ୍ଠିତ ହେବ ବୋଲି ନିଯୁକ୍ତ ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତ ଜଣାଇଛନ୍ତି । ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସର ଶେଷ ଶନିବା। ରରେ ହିଁ ଉକ୍ତ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି ।ଏଥିନିମନ୍ତେ ମାର୍ଚ୍ଚ ୭ ରୁ ୯ ତାରିଖ ପ୍ରାର୍ଥୀପତ୍ର ଦାଖଲ, ୧୦ରେ ପ୍ରାର୍ଥୀ ତାଲିକା ପ୍ରକାଶନ- ୧୧ରେ ଯାଞ୍ଚ, ୧୨ରେ ବୈଧ ପ୍ରାର୍ଥୀ ତାଲିକା ଘୋଷଣା, ୧୩ରେ ପ୍ରାର୍ଥୀତ୍ୱ ପ୍ରତ୍ୟାହାର ପରେ ୧୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷିତ ହେବ । ଆବଶ୍ୟକ ହେଲେ ମାର୍ଚ୍ଚ ୨୮ ତାରିଖ ସକାଳ ୭ ଘ୩୦ମିନିଟରୁ ଅପରାହଣ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ଏବଂ ସେହିଦିନ ହିଁ ଭୋଟ ଗ୍ରହଣ ପରେ ୪ଟାରେ ଗଣତି ସହ ଫଳାଫଳ ପ୍ରକାଶନ କରାଯିବ ବୋଲି ଆଇନ୍‌ଜୀବୀ ତଥା ନିର୍ବାଚନ ଅଧିକାରୀ ଶ୍ରୀ ଗନ୍ତାୟତ ସୂଚନା ଦେଇଛନ୍ତି ।

# ଶିକ୍ଷୟିତ୍ରୀ ଗୀତାରାଣୀ ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି , ୦୨/୩ (ନି.ପ୍ର): କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାରାଣୀ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗଣେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, ମୁଖ୍ୟବକ୍ତା ଭାବେ ସମିତିସଭ୍ୟା ଭାରତୀ ରାଉତ, ସମ୍ମାନିତ ଅତିଥି ସୋମନାଥ ବେହେରା, ନିରଞ୍ଜନ ମାଝୀ, ହୃଷିକେଶ ଦାସ, ଶିକ୍ଷୟିତ୍ରୀ କୀର୍ତ୍ତି ପୂର୍ଣ୍ଣିମା ଦାସ, ସ୍ନେହଲତା ଦାସ, ଉପେନ୍ଦ୍ର ସ୍ୱାଇଁ, ଉମାକାନ୍ତ ପ୍ରଧାନ, ଶୁଚିସ୍ମିତା ମହାନ୍ତି, ଚୌଧୂରୀ ସୀମା ନନ୍ଦ, ମାମିନା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ପାଟପୁର ବାପୁଜୀ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜସେବୀ ରଣଧୀର ଜେନା ଓ କବି ଅକ୍ଷୟ ରାଉଳ, ଶିକ୍ଷୟିତ୍ରୀ ଅନୀତା ଦାସ, ଚାନ୍ଦବାଲିର ସି.ଆର୍.ସି.ସି. ବଂଶୀଧର ଦାସ, ଗାଳ୍ପିକା ଅବନ୍ତୀ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶୈଳବାଳା ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷକ ହୃଷିକେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡଲାଇନ ଜାରି

ଭୁବନେଶ୍ୱର, ୦୨/୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡଲାଇନ ଜାରି । ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଚିଠି । ସମସ୍ତଙ୍କୁ ନିର୍ଦ୍ଦିଷ୍ଟ ଗାଇଡଲାଇନ ପାଇଁ ନିର୍ଦ୍ଦେଶନାମା ଦିଆଯାଇଛି । ଏକାଡେମିକ୍ ଅର୍ଥାତ୍ ଇଣ୍ଟରନାଲ ପରୀକ୍ଷା ଏବଂ କ୍ଲାସ୍ ଗୁଡ଼ିକ ସକାଳୁ କରାଯିବ । ଅପରାହ୍ଣ ସମୟରେ କୌଣସି ଆଉଟଡୋର କାର୍ଯ୍ୟକ୍ରମ ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।


# ଅଧ୍ୟାପକ ଓ ଗୁରୁଜୀ ଗୁରୁମା ଆବଶ୍ୟକ

ବାଣୀପୀଠ ଦ୍ୱାରା ପରିଚାଳିତ (ଆବାସିକ) ବିବେକାନନ୍ଦ ହାୟାର ସେକେଣ୍ଡାରୀ ସ୍କୁଲ ଏବଂ ଓଡ଼ିଆ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥୀନାଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ପଦବୀ ପାଇଁ ଆସନ୍ତା ତା ୦୮/ ୦୩ / ୨୦୨୬ ରିଖ ରବିବାର ଦିବା ୧୦ ଟାରେ ବଡ଼ସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ । ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ । ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୨୦୦ ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡ଼ିବ ।

◆ *ଅଧ୍ୟାପକ :* ଫିଜିକ୍ସ / କେମେଷ୍ଟ୍ରୀ / ମେଥମେଟିକ୍ସ / ବୋଟାନି / ଜୁଲୋଜୀ / ଆଇଟି / ଇକୋନୋମିକ୍ସ / ପଲଟିକାଲ ସାଇନ୍ସ / ଇଂରାଜୀ / ହିନ୍ଦୀ / ସଂସ୍କୃତ / ଲଜିକ୍ / କ୍ଲର୍କ / ପିଅନ / ମେଲ, ଫିମେଲ ୱାଡେନ / କୁକ୍ ।

◆ *ଗୁରୁଜୀ / ଗୁରୁମା :* ଆର୍ଟସ୍ ( ଓଡ଼ିଆ, ଇଂରାଜୀ, ଇତିହାସ, ଭୂଗୋଳ ) / ପିସିଏମ୍ / ସିବିଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡ଼ା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / ସିକ୍ୟୁରିଟି ଗାର୍ଡ / ରୋଷେୟା ।

◆ *ଗୁରୁଦକ୍ଷିଣା :* ଟ୧୦,୦୦୦ଙ୍କା ରୁ ଟ୪୦,୦୦୦ଙ୍କା (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଛାତ୍ରାବାସରେ ରହିବା, ଖାଇବାର ସୁବିଧା ଅଛି)

**ଯୋଗାଯୋଗ :**

*ସମ୍ପାଦକ - ବାଣୀପୀଠ ଚେରିଟେବୁଲ ଟ୍ରଷ୍ଟ, ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ - ୭୫୭୦୨୬*
*ମୋ : ୯୮୬୧୦୫୯୮୮୩ / ୯୮୬୧୮୧୨୦୦୦ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧*



# ବାଲେଶ୍ୱର ଟାଉନ ହାଉସିଂ କ୍ରେଡ଼ିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ

**ରେଜିଷ୍ଟ୍ରେସନ ନଂ ୧୫୭ବି, ଏଲ, ତା ୨୩.୦୫.୧୯୫୫ ରିଖ**
**ମିର୍ଜାପୋଖରୀ ଲେନ, ମୋତିଗଞ୍ଜ, ବାଲେଶ୍ୱର -୭୫୬୦୦୩**
ଫୋନ (୦୬୭୮୨)୨୪୦୯୮୪, ମୋବାଇଲ ନମ୍ବର -୯୩୩୭୨୨୬୭୨୮
Mail id - bthctcs@gmail.com

## ୨୦୨୫ -୨୬ ବର୍ଷର ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ ନଂ – ୧୭୩ ତା ୦୨/୦୩/୨୦୨୬ ରିଖ

ଏତଦ୍ୱାରା ବାଲେଶ୍ୱର ଟାଉନ ହାଉସିଂ କ୍ରେଡ଼ିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃର ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ (ନାମମାତ୍ର ସଭ୍ୟ/ସଭ୍ୟାମାନଙ୍କ ବ୍ୟତୀତ) ଅବଗତ କରାଯାଉଛି କି ସମିତିର ସ୍ନ ୨୦୨୫ - ୨୦୨୬ ବର୍ଷର ବାର୍ଷିକ ସାଧାରଣ ସଭା ଆସନ୍ତା ତା ୧୪/୦୩/୨୦୨୬ ରିଖ ଶନିବାର ଦିବା ୧୦ ଘଟିକା ସମୟରେ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ।

ଏଣୁ ଅନୁରୋଧ, ଆପଣ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ହେବେ।

### କାର୍ଯ୍ୟସୂଚୀ

୧. ପୂର୍ବ ସାଧାରଣସଭା ତା-୦୮/୦୩/୨୦୨୫ ରିଖର ବିବରଣୀ ପଠନ ଓ ଦୃଢୀକରଣ।
୨. ସଭାପତିଙ୍କ ଅଭିଭାଷଣ ।
୩. ସମିତିର ସ୍ନ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।
୪. ସମିତିର ସ୍ନ ୨୦୨୬-୨୭ ବର୍ଷର ପରିଚାଳନା ପରିଷଦଙ୍କ ଦ୍ୱାରା ଗୃହୀତ ସମିତିର ବ୍ୟବସାୟିକ ଯୋଜନା ଓ ବଜେଟ ଅଟକଳ ପଠନ ଓ ଅନୁମୋଦନ ।
୫. ସ୍ନ ୨୦୨୫ -୨୬ ବର୍ଷର (ତା ୦୧/୦୪/୨୦୨୫ ରିଖରୁ ତା ୨୮/୦୨/୨୦୨୬)ରିଖ ପର୍ଯ୍ୟନ୍ତ ଜମା ଖର୍ଚ୍ଚ ଉପରେ ଆଲୋଚନା ଓ ଅନୁମୋଦନ।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

**ପରିଚାଳନା ପରିଷଦଙ୍କ ଅନୁମତିକ୍ରମେ**
**ସ୍ୱା- ଶ୍ରୀ ଗୌରହରି ମିଶ୍ର**
**ସମ୍ପାଦକ**
ବାଲେଶ୍ୱର ଟାଉନ ହାଉସିଂକ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ

# କୁଡୁମୀ ଅଧିକାର ମହାରାଲି

ବାରିପଦା, ୦୨/୩ (ନି.ପ୍ର): କୁଡୁମୀ ମାନଙ୍କ ବିରୋଧ ରେ ୭୫ ବର୍ଷ ପୂର୍ବ ରୁ ହେଇଥିବା ଅନ୍ୟାୟ ବିରୋଧରେ ଶୀତଲ ଆହେଦାରଙ୍କ ନେତୃତ୍ୱରେ ରାଞ୍ଚିର ପ୍ରଭାତ ତାରା ମୈଦାନରେ ଲକ୍ଷାଧିକ ଲୋକଙ୍କ ମହାସମାଗମ ରେ କୁଡୁମୀ ଅଧିକାର ମହାରାଲି ଅନୁଷ୍ଠିତ ହେଇଯାଇଛି । ଏହି ରାଲି ରେ ଓଡିଶା, ବେଙ୍ଗଲ, ବିହାର ରୁ ସବୁ କୁଡୁମୀ ସମ୍ପ୍ରଦାୟ ର ଲୋକ ଯୋଗ ଦାନ କରିଥିଲେ । ଓଡିଶା ରୁ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ଙ୍କ ନେତୃତ୍ୱ ରେ ଓଡିଶା ରୁ ମଧ ହଜାର ହଜାର କୁଡୁମୀ ସମ୍ପ୍ରଦାୟ ର ଲୋକ ଏହି ରାଲି ରେ ଭାଗ ନେଇଥିଲେ । ଜୈମୁନୀ ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟ ରେ କୁଡୁମୀ ଜାତିକୁ କିପରି ଅନୁସୂଚିତ ଜାତି ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ପରିଚ୍ଛେଦ ମାନ୍ୟତା ମିଳିବ ସେ ବାବଦ ରେ ଆଲୋଚନା କରି ଆନ୍ଦୋଳନ କୁ କିପରି ଆହୁରି ତୀବ୍ର ରୂପ ରେଖା ଦିଆଯିବ ସେ କଥା କହିଥିଲେ । ଅନ୍ୟ ମାନଙ୍କ ମଧ ରେ ଓଡିଶା ରୁ କୁଡୁମୀ ସେନା ର ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, କାହ୍ନୁଚରଣ ମହାନ୍ତ, ରାଜେଶ ମହାନ୍ତ, ଭବାନୀ ମହାନ୍ତ, ଭାଗ୍ୟଧର ମହାନ୍ତ, କୁଡୁମୀ ଛାତ୍ର ସେନାର ସଭାପତି ବରୁଣ କୁମାର ମହାନ୍ତ, ପ୍ରିୟବ୍ରତ ମହାନ୍ତ, ତୁଷାର



ମହାନ୍ତ, ପଙ୍କଜ ମହାନ୍ତ, ବିଜେନ ମହାନ୍ତ, ଚିକୁ ମହାନ୍ତ, ଶାନ୍ତନୁ ମହାନ୍ତ ଓ କୁଡୁମୀ ମହିଳା ସେନା ର ଗୀତାଞ୍ଜଳି ମହାନ୍ତ, ନମିତା ମହାନ୍ତ,ସସ୍ମିତା ମହାନ୍ତ, ସୁଜାତା ମହାନ୍ତଙ୍କ ନେତୃତ୍ୱ ରେ କୁଡୁମୀ ସେନାର ବହୁ ସଂଖ୍ୟାରେ ସଦସ୍ୟ ରାଲି ରେ ଯୋଗଦାନ କରିଥିଲେ ।

# ଦୁଇ କୋଟି ମୂଲ୍ୟର ଲୁଟ୍ ସୁନା ଗହଣା ଜବତ

ଭଦ୍ରକ , ୦୨/୩ (ନି.ପ୍ର): ଭଦ୍ରକ ପୋଲିସ ପ୍ରଶାସନ କୁ ବଡ଼ ସଫଳତା. ଭଦ୍ରକ ସହର ଓ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଘରେ କେହି ନ ଥିବାର ସୁଯୋଗ ନେଇ ଘରେ ପଶି ଲୁଟ ଓ ଚିନ୍ନତାଇ କରି ଲୁଟ କରିଥିବା ୪ ଜଣ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇ ଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ଅଛନ୍ତି। ଏହି ଚାରି ଜଣ ଡକାୟତଙ୍କ ମଧ୍ୟରୁ ଦୈତାରୀ ଦାସ ନାମକ ଦୁର୍ଦ୍ଧାନ୍ତ ଲୁଟେରାଙ୍କ ନାମରେ ହତ୍ୟା, ଡକାୟତି ମାମଲା ରହିଛି। ତାଙ୍କ ସହ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି ଭଦ୍ରକ ପୋଲିସ। ସମସ୍ତଙ୍କ ଲୁଟେରାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଯାଜପୁର ଅଞ୍ଚଳରେ ହୋଇଛନ୍ତି। ଅଭିଯୁକ୍ତ ମାନଙ୍କ ଘରେ ଖୋଳ ତାଡ଼ କରିବାରୁ ତାଙ୍କ ଘରୁ ଏହି ୧ କିଲୋ ସୁନା ଓ ୪ କିଲୋ ରୁପା ଅଳଙ୍କାର ସହ ୯ ଟି ମୋବାଇଲ ଫୋନ ଓ ବିଭିନ୍ନ ରାଜ୍ୟର ବ୍ୟବହୃତ ହେଉଥିବା ଗାଡିର ୧୫ ଟି ଡୁବ୍ଲିକେଟ ପ୍ଲେଟ ନମ୍ବର କୁ ଜବତ କରିଛି ଭଦ୍ରକ ପୋଲିସ। ଏହି ଜବତ ହୋଇଥିବା ସୁନା ଅଳଙ୍କାରର ଆନୁମାନିକ ମୂଲ୍ୟ ଡେଡ କୋଟି ହୋଇଥିବା ବେଳେ,ରୁପା ଅଳଙ୍କାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ୍ୟ ଟଙ୍କା ହେବା ନେଇ ଭଦ୍ରକ ଏସପି କହିଛନ୍ତି। ଏହି ଅଭିଯୁକ୍ତ ମାନେ ଭଦ୍ରକ ସମେତ, ଯାଜିପୁର, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁଟ କରୁଥିଲେ। ତେବେ ଏହି ଅଭିଯୁକ୍ତ ମାନଙ୍କ ନାମରେ ଆଉ କେଉଁ କେଉଁ ଅଭିଯୋଗ ରହିଛି ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଭଦ୍ରକ ଏସପି କହିଛନ୍ତି।

# କାହାଳିଆରେ ଦୋଳ ଠାକୁରଙ୍କୁ ନେଇ ସଂଘର୍ଷ: ୫ ଆହତ, ମେଡିକାଲରେ ଭର୍ତ୍ତି

ନୀଳଗିରି, ୦୨/୩ (ନି.ପ୍ର): ହିନ୍ଦୁ ପରମ୍ପରାରେ ବାରମାସରେ ତେର ପର୍ବ। ତନ୍ମଧ୍ୟରୁ ଦୋଳ ଓ ହୋଲିପର୍ବର ବିଶେଷତା ଅନନ୍ୟ। ଓଡ଼ିଶାରେ ଦୋଳପର୍ବ ଅବସରରେ ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଗ୍ରାମରେ ଘରେଘରେ ପୂଜାପାଇ ଆସୁଥିଲା ବେଳେ ଦୋଳଠାକୁରଙ୍କ ପୂଜାକୁ ନେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅନ୍ତର୍ଗତ ୧୦ନଂ ୱାର୍ଡ କାହାଳିଆ ଗ୍ରାମରେ ଗୋଷ୍ଠୀସଂଘର୍ଷ ଘଟି ୫ଜଣ ଆହତ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ କାହାଳିଆ ମୌଜା ଚକ୍ରଧରପୁର ବ୍ରାହ୍ମଣଶାସନରେ ରାସବିହାରୀ ଜୀଉଙ୍କ ପବିତ୍ର ଦୋଳଉତ୍ସବ ଉପଲକ୍ଷେ ସୋମବାର ଅନୁଷ୍ଠିତ ମେଳଣ କାର୍ଯ୍ୟକ୍ରମରେ ଶ୍ରୀବିଗ୍ରହ ପ୍ରଥମେ ବ୍ରାହ୍ମଣଶାସନର ପ୍ରତିଘରକୁ ଯାଇ ପୂଜାପାଇଥିଲେ। ପୂଜା ସମ୍ପନ୍ନପରେ ପରେ ଗ୍ରାମର



ପରମ୍ପରା ଅନୁଯାୟୀ ଅନ୍ୟ ସଂପ୍ରଦାୟର ଲୋକମାନେ ଆସି ଠାକୁରଙ୍କୁ ପୂଜାବିଧି କରିବାପାଇଁ ନେବାସମୟରେ ବ୍ରାହ୍ମଣ ସଂପ୍ରଦାୟର କିଛିଲୋକ ବାରଣ କରିଥିଲେ ଏବଂ ଠାକୁର ଯାଇପାରିବେ ନାହିଁବୋଲି ସ୍ପଷ୍ଟ ମନାକରିଥିଲେ ।ଏହାକୁ ନେଇ ଯୁକ୍ତିତର୍କ ମଧ୍ୟରେ ଉଭୟପକ୍ଷ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ପରେ ଚକ୍ରଧରପୁର ଶାସନର କିଛି ବ୍ରାହ୍ମଣଲୋକ କାହାଳିଆ ପୋଖରୀସାହି ଗ୍ରାମର କିଛି ମହିଳା ଓ ପୁରୁଷ ଏବଂ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପଥର ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଉକ୍ତଗ୍ରାମର ମନୋରଞ୍ଜନ ମହାରଣାଙ୍କ ପତ୍ନୀ ପ୍ରତିମା (୨୮), ସମରେନ୍ଦ୍ର ମହାରଣାଙ୍କ ସ୍ତ୍ରୀ ପ୍ରିୟଙ୍କା (୩୦), ଚିତ୍ତରଞ୍ଜନ ମହାରଣାଙ୍କ ସ୍ତ୍ରୀ ଚିନ୍ମୟୀ (୨୨), ଜୟନ୍ତ ମହାରଣାଙ୍କ ସ୍ତ୍ରୀ ସରସ୍ୱତୀ(୩୦) ଏବଂ ଉକ୍ତ ଗ୍ରାମର କାର୍ଯ୍ୟରତ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଗଣ୍ଡଗୋଳ ସମୟରେ ପ୍ରତିମାଙ୍କ ମଙ୍ଗଳସୂତ୍ର ଏବଂ ମୋବାଇଲ ଛଡ଼ାଇନେବା ସହିତ ଆକ୍ରମଣକରି ତାଙ୍କ ପିଠି ଓ ହାତକୁ ମାଡମାରି ଗୁରୁତର କରିଥିବା ପ୍ରତିମା ଅଭିଯୋଗ କରିଛନ୍ତି। ସେହିପରି ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତିଙ୍କ ମୋବାଇଲ ଏବଂ ବୁମ୍ କୁ ଆକ୍ରମଣକାରି ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ସାମ୍ବାଦିକଙ୍କୁ କୃପାସିନ୍ଧୁ ରଥ ଏବଂ ଲୁନା ଓରଫ ସୁରେଶ ଦାସ ଆକ୍ରମଣ କରିବାଫଳରେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡିଥିବା ବେଳେ ଖବରପାଇ ନୀଳଗିରି ପୋଲିସର ଘଟଣାସ୍ଥଳରେ ପହଞ୍ଚି ପ୍ରଫୁଲ୍ଲଙ୍କୁ ଉଦ୍ଧାରକରି ୧୧୨ଗାଡିରେ ନେଇ ନୀଳଗିରି ହସ୍ପିଟାଲରେ ଏଡମିସନ୍ କରିଥିବା ଜଣାଯାଇଛି। ଏନେଇ ସାମ୍ବାଦିକ ପ୍ରଫୁଲ୍ଲଙ୍କ ପୁଅ ମନୋଜ ମହାନ୍ତି ଏବଂ ପ୍ରତିମାଙ୍କ ସ୍ୱାମୀ ମନୋରଞ୍ଜନ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଅପରପକ୍ଷରେ ବ୍ରାହ୍ମଣଶାସନ ତରଫରୁ ଏକାଧିକ ଗ୍ରାମବାସୀ ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଖବର ଲେଖିଲାବେଳକୁ ଏସଡିପିଓ ପ୍ରମୋଦ ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକ ହସ୍ପିଟାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ।ତେବେ ପୂର୍ବ ଶତ୍ରୁତାରୁ ଏଭଳି ସଂଘର୍ଷ ହୋଇଥିବା ଶୁଣିବାକୁ ମିଳିଥିବା ବେଳେ ଦୋଳଉତ୍ସବ ଭଳି ପବିତ୍ର କାର୍ଯ୍ୟକ୍ରମରେ ଗ୍ରାମରେ ଏଭଳି ଅଭାବନୀୟ ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

# ଧର୍ମପରାୟଣା ମହିଳାଙ୍କ ବିୟୋଗରେ ଶୋକ

ଖଇରା, ୨ ।୩ ଖଇରା ବ୍ଲକ ଅଧୀନ ଖଇରା ଗ୍ରାମ ର ଧର୍ମପରାୟଣା ମହିଳା ମାହେଶ୍ୱରୀ ନାୟକ(୯୮) ଙ୍କର ପରଲୋକ ସମଗ୍ର ଖଇରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଜୀବନ ବ୍ୟାପି ଲୋକଙ୍କୁ ସହାୟତା କରି ସବୁଆଡୁ ପ୍ରଶଂସା ସାଉଁଟିଥିଲେ । ତାଙ୍କ ମରଶରୀର ଖଇରା ବଜାର ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ସ୍ଥାନୀୟ ସରପଞ୍ଚ,ସମିତିସଭ୍ୟା ଓ ଜିଲା ପରିଷଦ ସଭ୍ୟା ଖଇରା ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ୨ପୁଅ ଧନେଶ୍ୱର ଓ ସର୍ବେଶ୍ୱର ସହିତ ବୋହୂ ନାତିନାତୁଣି ମାନେ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

# ସାଇ ସାଧନା + ୩ ଛାତ୍ରଛାତ୍ରୀଙ୍କର ବିଶ୍ୱବିଦ୍ୟାଳୟର ଜାତୀୟ ବିଜ୍ଞାନ ଦିବସରେ କୃତୀତ୍ୱ

ଉଦଳା, ୦୧/୩ (ନି.ପ୍ର): ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ, ବାରିପଦାରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସରେ ଉଦଳା ସାଇ ସାଧନା କଲେଜ ଅଫ୍ ବେସିକ୍ ସାଇନ୍ସର ଛାତ୍ରଛାତ୍ରୀ ଗଣ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । ରସାୟନ ବିଜ୍ଞାନ ବିଭାଗରେ ଛାତ୍ର ନୀଳକଣ୍ଠ ପରିଡ଼ା, ଉଭିତ ବିଜ୍ଞାନ ବିଭାଗର ଛାତ୍ର ଭବାନୀ ଶଙ୍କର ନାୟକ ଓ ପ୍ରାଣୀ ବିଜ୍ଞାନର ଛାତ୍ରୀ ଶାସ୍ୱତୀ ଶ୍ୱେତାଶ୍ରୀ ପାହାଡ଼ିଙ୍କ ଦ୍ୱାରା ଉପସ୍ଥାପିତ ପ୍ରକଳ୍ପ ଗୁଡ଼ିକ ଅତିଥି ତଥା ପରୀକ୍ଷକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଉପରୋକ୍ତ ତିନି ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ସାଇ ସାଧନା ଟ୍ରଷ୍ଟର ଚେୟାରମେନ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବିନ୍ଧାଣୀ କୃତୀ ଛାତ୍ରଛାତ୍ରୀଙ୍କ ଅଭିନନ୍ଦନ ଜଣାଇଛନ୍ତି ।

# ‘ଜାତୀୟ ଶିକ୍ଷା ନୀତି-୨୦୨୦ ଓ ଭାରତୀୟ ଭାଷା ଓ ପ୍ରୋତ୍ସାହନ’ ଶୀର୍ଷକ ଆଲୋଚନାଚକ୍ର

ଉଦଳା, ୦୨/୩ (ନି.ପ୍ର): ଉଦଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଜାତୀୟ ଶିକ୍ଷା ନୀତି -୨୦୨୦ ଓ ଭାରତୀୟ ଭାଷା ପ୍ରୋତ୍ସାହନ ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶ୍ରୀକାନ୍ତ କୁମାର ପଟେଲ ମୁଖ୍ୟ ଅତିଥି ଭାବରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିବା ସହ ଆୟୋଜକ ମାନଙ୍କର




ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ଅଧ୍ୟାପକ ଡ଼. ସୌମେନ୍ଦ୍ର କୁମାର ଦାଶ ଯୋଗଦେଇ ଜାତୀୟ ଶିକ୍ଷାନୀତି – ୨୦୨୦ ଦେଶ ଗଠନରେ କିପରିତ ବିପ୍ଳବାତ୍ମକ ପରିବର୍ତନ ଆଣିବ ବିସ୍ତୃତ ବର୍ଣ୍ଣନା କରିଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ଼. ଧନଞ୍ଜୟ ସିଂ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଭାଷାର ବିଭିନ୍ନ ଦିଗ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ଜେନା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଓଡ଼ିଆ ଭାଷାହିଁ ଆମର ପରିଚୟ ବୋଲି ବ୍ୟକ୍ତ କରିଥିଲେ ।


SAI SADHANA
Group of Institutions

Admission from the Session 2026-27

With Bests Compliments from :-
Visit us:
www.saisadhanagroup.edu

SAI SADHANA GROUP OF INSTITUTIONS, UDALA
( Permanently Recognised by the Govt. of Odisha and Affiliated to MSCB University, Baripada )
At - Dibyasingpur, P.O. - Bhimtali, Via - Udala, Dist - Mayurbhanj, Odisha - 757041

Admission Going On For
SUMMER COURSE
+2 Science & +2 Arts
SAI SADHANA SCIENCE HIGHER SECONDARY SCHOOL
1St Batch Admission starts from Dt. - 09.03.2026

SAI SADHANA SEVASHRAM
(+2 SCIENCE, +2 ARTS & +3 SCIENCE )
( ONLY FOR ST/SC STUDENTS, Not for Service Holders )
FREE FOODING AND LODGING

Sai Sadhana Talent Test
Dt. 08.03.2026
(Sunday)

SAI SADHANA COLLEGE OF BASIC SCIENCE (+3 SC.)
ADMISSION NOTICE FOR THE SESSION 2026-27 UG
+3 Science Hons : BOTANY, CHEMISTRY, MATHEMATICS, PHYSICS, ZOOLOGY, COMPUTER SCIENCE, GEOLOGY, MICROBIOLOGY

CHAIRMAN
PURNA CH. BINDHANI
SAI SADHANA GROUP OF INSTITUTIONS

Contact No :
9437294587,9437443950,
9937557158, 9438232419

Admission going on for
SUMMER COURSE - 2026



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida